R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସମୟ

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୬
ତିଥି : ଚତୁର୍ଦ୍ଦଶୀ
୦୮ ନଭେମ୍ବର ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
08 November 2026, Sunday

ରଙ୍ଗିନ ତରଙ୍ଗ ଟାବଲଏଡ ସହ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



ଦୀପାବଳି ଶୁଭେଚ୍ଛା

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

ନିର୍ଦ୍ଦେଶିକା

'ସମୟ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଚଳିତ ନଭେମ୍ବର ମାସ ୮ ତାରିଖ ରବିବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖ ମଙ୍ଗଳବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

ଇରାନର କେଶମ୍ ଦ୍ୱୀପରେ ଆକ୍ରମଣକୁ ଟ୍ରମ୍ପଙ୍କ ସ୍ୱୀକାର

ତେହେରାନ୍ ସହ ଆଲୋଚନାରେ ଘଟିଛି ଅଗ୍ରଗତି

ୱାଶିଂଟନ୍, ୭ ।୧୧ : ଇରାନର କେଶମ୍ ଦ୍ୱୀପରେ ଆମେରିକା ସାମରିକ ଆକ୍ରମଣ କରିଥିବା କଥା ସ୍ୱୀକାର କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏହା ସହିତ ଇରାନ ସହ ଆଲୋଚନାରେ ୱାଶିଂଟନ୍ ଅନେକ ଅଗ୍ରଗତି କରିଥିବା ମଧ୍ୟ ସେ ଦାବି କରିଛନ୍ତି ।

ଶୁକ୍ରବାର ଫ୍ଲୋରିଡାର ୱେଷ୍ଟ ପାମ୍ ବିଚ୍‌ରେ ସାମ୍ବାଦିକଙ୍କ ସହ କଥା ହେବାବେଳେ ଟ୍ରମ୍ପ କହିଥିଲେ, ଆମେରିକା ସେନା ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ 'ସାମାନ୍ୟ ଆକ୍ରମଣ' କରିଛି । ଇରାନ ଏକ କ୍ଷୁଦ୍ର ବିମାନବିଧ୍ୱଂସୀ ପ୍ରତିରକ୍ଷା ଉପକରଣ ନିର୍ମାଣ କରିଥିଲା, ଯାହାକୁ ଆମେରିକା ପ୍ରାୟ ୫ରୁ ୧୫ ମିନିଟ୍ ମଧ୍ୟରେ ଧ୍ୱଂସ କରିଦେଇଥିବା ସେ କହିଛନ୍ତି ।



ଟ୍ରମ୍ପଙ୍କ ଏହି ବୟାନ ପୂର୍ବରୁ ଇରାନର ସରକାରୀ ଗଣମାଧ୍ୟମ କେଶମ୍ ଦ୍ୱୀପର ସୁଜା ଅଞ୍ଚଳରେ ଦୁଇଟି କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିବା ଖବର ପ୍ରସାରଣ କରିଥିଲା । ହର୍ମୁଜ୍ ପ୍ରଣାଳୀରେ ଅବସ୍ଥିତ ଏହି ଦ୍ୱୀପ ତୈଳ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ନିକଟରେ ରହିଛି ।

ଇରାନର ସରକାରୀ ପ୍ରସାରଣ ସଂସ୍ଥା ଆଇଆରଆଇବି ଦେଶର ସେନା ପକ୍ଷରୁ ଜାରି ଏକ ବିବୃତିର ଉଲ୍ଲେଖ କରି କହିଛି ଯେ, ଇରାନର ବାୟୁ ପ୍ରତିରକ୍ଷା ବାହିନୀ କେଶମ୍ ଦ୍ୱୀପ ଉପରେ ଉଡୁଥିବା ଆମେରିକାର ଏମ୍‌କ୍ୟୁ-୯ ଡ୍ରୋନ୍‌କୁ ଅଟକାଇ ଧ୍ୱଂସ କରିଦେଇଛି ।

କେଶମ୍ ଦ୍ୱୀପରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ଖବର ପରେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) କହିଛି ଯେ, ସେଠାରେ ପରିସ୍ଥିତି 'ଅପେକ୍ଷାକୃତ ଶାନ୍ତ' ରହିଛି । ଏହି ଘଟଣା ସମ୍ପର୍କରେ ଅବଗତ ଥିବା ଜଣେ ସେଣ୍ଟକମ୍ ଅଧିକାରୀ ଅଲ୍‌ଜଜିରାକୁ କହିଥିବାବେଳେ ଏହା ଉପରେ ଅଧିକ ମତାମତ ଦେବାକୁ ମନା କରିଥିଲେ । (୯ ପୃଷ୍ଠାରେ)

ଜନ୍ମମାଟି ରାଇକଳାରେ ମୁଖ୍ୟମନ୍ତ୍ରୀ

କେନ୍ଦୁଝରର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭ ।୧୧ (ସବ୍ୟୁ) : ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଜି କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ରାଇକଳା ଗ୍ରାମପଞ୍ଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଅଢ଼େଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ି ହୋଇଛି ।



ଏ ସରକାର ହେଉଛି ଗରିବ, ଚାଷୀ ଓ ମୂଲିଆଙ୍କ ସରକାର ଏବଂ ରାଜ୍ୟର ପ୍ରତ୍ୟେକଟି କୋଣକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯିବ ।

ଆଜିର ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ କ୍ଲଷ୍ଟରକୁ ସଂଯୋଗ କରୁଥିବା ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, (୯ ପୃଷ୍ଠାରେ)

ଅସୁରକ୍ଷିତ ହେଉଛି ରାଜଧାନୀ

ପୁଣି ଗୋଟିଏ ରାତିରେ ଦୁଇ ହତ୍ୟା

ଭୁବନେଶ୍ୱର, ୭ ।୧୧ (ସବ୍ୟୁ) : ଗତ ଏକ ସପ୍ତାହ ହେବ ରାଜଧାନୀ ରକ୍ତରଞ୍ଜିତ ହେଲାଣି । ପୁଣି ଗୋଟିଏ ଦିନରେ ୨ ଟି ହତ୍ୟା । କମିଶନରେଟ ପୋଲିସ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶୁକ୍ରବାର

୪ ଦିନରେ ହେଲାଣି ୫ ହତ୍ୟାକାଣ୍ଡ

ବିଳମ୍ବିତ ରାତିରେ କଟକ ରୋଡରେ ଗ୍ୟାଙ୍ଗଓ୍ୱାରରୁ ବିଭତ୍ସି ହତ୍ୟାକାଣ୍ଡ ଘଟିଥିବା ବେଳେ ଭିଏସ୍‌ଏସ୍‌ନଗର ତାରିଣୀ ବସ୍ତିରେ ପାରିବାରିକ କଳହରୁ ଶଳାକୁ ଭିଣୋଇ ହତ୍ୟା କରିଛି । କମିଶନରେଟ୍ ପୋଲିସ ଏକପ୍ରକାର କୋମାରେ ଥିବାବେଳେ ଆଇନ ଶୃଙ୍ଖଳା ଆଇସିୟୁକୁ ଗଲାଣି ବୋଲି ବିରୋଧୀ ଚର୍ଚ୍ଚା କରୁଛନ୍ତି ।

ଝାରପଡାର କିଛି ଯୁବକ ଓ ହଳଦିପଡିଆ ବସ୍ତିର କିଛି ଯୁବକଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଛକାପଞ୍ଜା ଲାଗି ରହିଥିଲା । ଗଣେଶ ପୂଜା



ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ଗଣ୍ଡଗୋଳକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲ । ସେମାନେ ଜାମିନରେ ଆସିବା ପରେ ଏତଲାକାରୀ ଯୁବକ ସୋନୁ ନାୟକଙ୍କୁ ଟାର୍ଗେଟ କରିଥିଲେ । ଶୁକ୍ରବାର ରାତିରେ ସୋନୁ ଗୋଷ୍ଠୀ ଭୋଜି କରି ଖାଇବା ପରେ ରସୁଲଗଡ ଯାଇ ସ୍କୁଟରରେ ତେଲ ପକାଇ ଫେରୁଥିଲେ । ଏହି ସମୟରେ ତାଙ୍କୁ ଅଟୋରେ ପିଛା କରିଥିଲେ ଝାରପଡା ଲିପୁନ ଜେନା ଗ୍ୟାଙ୍ଗର ଯୁବକମାନେ । କଟକ ରୋଡ ରିଲିଆନ୍ସ ଫ୍ରେସ ପାଖ ବନ୍ଧୁକ ଦୋକାନ ସାମ୍ନାରେ ଦୁଇଟି ବୋମାମାଡ କରିବା ସହ ୭ ରାଉଣ୍ଡ ଗୁଳି ଚଳାଇଥିଲେ ସୋନୁ ଉପରକୁ । ଗୁଳି ବାଜିବା ପରେ ସେ ଜୀବନ ବଞ୍ଚାଇବା ପାଇଁ କିଛି ବାଟ ଦୌଡ଼ିଯିବା ପରେ ପଡିଯାଇଥିଲା । ଘଟଣାସ୍ଥଳରୁ ତାଙ୍କ (୯ ପୃଷ୍ଠାରେ)

ଗଞ୍ଜାମ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ନବୀନ ପଟ୍ଟନାୟକ

କ୍ଷତିପୂରଣ, ସହାୟତା ରାଶି ପ୍ରଦାନ କାର୍ଯ୍ୟ ତ୍ୱରିତ ହେଉ

ଭୁବନେଶ୍ୱର, ୭ ।୧୧ (ସବ୍ୟୁ) : ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆଜି ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ବନ୍ୟା କ୍ଷତିଗ୍ରସ୍ତ, ଶେରଗଡ଼, ହିଞ୍ଜିଳି, ଆସିକା ଓ ସୋରଡ଼ା ଅଞ୍ଚଳ ବୁଲି ବିପନ୍ନ ଲୋକଙ୍କୁ ଭେଟି ସେମାନଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ ଓ ସମବେଦନା ଜଣାଇଥିଲେ ।

ଶ୍ରୀ ପଟ୍ଟନାୟକଙ୍କୁ ଭେଟିବାକୁ ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ଉପସ୍ଥିତ ରହି ତାଙ୍କର ପ୍ରିୟ ନେତାଙ୍କ ନିକଟରେ ସେମାନଙ୍କ ଦୁଃଖ ଜଣାଇ



ଥିଲେ । ଚାଷୀ ମାନେ ନଷ୍ଟ ହୋଇ ଯାଇଥିବା ଧାନ କେଣ୍ଡା ଓ ଆଖୁ ଗଛ ଧରି ବନ୍ୟା ପରିଚାଳନାରେ ସରକାରୀ ଉଦାସୀନତା ଯୋଗୁଁ ସେମାନେ ବରବାଦ ହୋଇ ଯାଇଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ବନ୍ୟାରେ ଘର ଭାଙ୍ଗି ଯାଇଥିବା ଓ ନିଜ ଜୀବିକା ହରାଇଥିବା ଲୋକମାନେ ମଧ୍ୟ ବିରୋଧୀ ଦଳ ନେତାଙ୍କୁ ସେମାନଙ୍କ ଅସୁବିଧା ଜଣାଇଥିଲେ । ଶେରଗଡ଼ ସହର ଓ ଆସ୍କା ସହରର ଲୋକମାନେ ବନ୍ୟା ପାଣି କିପରି ଘରେ ପଶି (୯ ପୃଷ୍ଠାରେ)

ଦୀପାବଳି ପାଳିବେନି ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା

ଭୁବନେଶ୍ୱର, ୭ ।୧୧ (ସବ୍ୟୁ): ବାତ୍ୟା ଓ ଏହାପରେ ଆସିଥିବା ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବନ୍ୟା ବିପନ୍ନଙ୍କ ପ୍ରତି ସହାନୁଭୂତି ଜଣାଇ ଦୁଇ ଶୀର୍ଷ ନେତା ଏଥର ଦୀପାବଳି ପାଳନରୁ ନିଜକୁ ନିବୃତ୍ତ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ୍ତାକାଲି ଦୀପାବଳି ଉତ୍ସବ ପାଳନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି ।

ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଦୀପାବଳି ପାଇଁ ଶୁଭକାମନା ଜଣାଇବା ସହ ପରିବେଶକୁ ସୁରକ୍ଷିତ (୯ ପୃଷ୍ଠାରେ)

ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୪ ଜୀବନ୍ତ ଦଗ୍ଧ

ବାଲିଚନ୍ଦ୍ରପୁର, ୭ ।୧୧ (ସବ୍ୟୁ) : ଆକସ୍ମିକ ଅଗ୍ନିକାଣ୍ଡରେ ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ପଞ୍ଚାୟତ ସେକ୍‌ମହଲା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଜଣେ ବ୍ୟକ୍ତିଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ଏଥିରେ ୪ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି ।

ସୂଚନା ଅନୁଯାୟୀ ନଳିପୁର ଗ୍ରାମର ସେଖ୍ ନିଜାମ ଉଦ୍ଦିନ୍‌ଙ୍କ ଆଡ୍‌ଜବେଷ୍ଟ ଘରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା । ଏହି ଅଗ୍ନିକାଣ୍ଡରେ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ତାଙ୍କ ବଡବୋହୂ ଏବଂ ଶାଶୁଘରୁ ଆସିଥିବା (୯ ପୃଷ୍ଠାରେ)

15001/134/2627



ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0133



ഫിറ്റ്നസ് ചലഞ്ച്

ഇന്ന് രാവിലെ ഫിറ്റ്നസ് ചലഞ്ചിന്റെ ഭാഗമായി ഞാൻ ചെയ്ത വർക്കൗട്ടിന്റെ ചിത്രങ്ങൾ ഫേസ്ബുക്കിൽ പോസ്റ്റ് ചെയ്തപ്പോൾ ലഭിച്ച പ്രതികരണങ്ങൾ കണ്ട് അമ്പരന്നുപോയി. ഒരു ഫിറ്റ്നസ് ചലഞ്ചിന്റെ ഭാഗമായി ഞാൻ ചെയ്ത വർക്കൗട്ടിന്റെ ചിത്രങ്ങൾ കണ്ട് ഇത്രയധികം പേർ ഞെട്ടുമെന്ന് ഞാൻ കരുതിയിരുന്നില്ല.

ସମ୍ବାଦ
ଶନିବାର, ୦୮ ନଭେମ୍ବର ୨୦୨୫
୩୦th ANNIVERSARY
୩



ଜୁଜୁମୁରା ଅଞ୍ଚଳରେ ଆରମ୍ଭ ହୋଇଛି ଆଦିବାସୀ ଭାଷା ଶିକ୍ଷା

ଜୁଜୁମୁରା (ମୟୂରଭଞ୍ଜ) ୭ ନଭେମ୍ବର : ଜୁଜୁମୁରା ବ୍ଲକ୍‌ର ୩ଟି ପଞ୍ଚାୟତରେ ଆଦିବାସୀ ଭାଷା ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜୁଜୁମୁରା ବ୍ଲକ୍‌ର ଜୁଜୁମୁରା, ଡାଙ୍ଗୁଡିହା ଓ ଜଳଦା ପଞ୍ଚାୟତରେ ଆଦିବାସୀ ଭାଷା ଶିକ୍ଷା ଆରମ୍ଭ ହୋଇଛି । ଜୁଜୁମୁରା ବ୍ଲକ୍‌ର ୩ଟି ପଞ୍ଚାୟତରେ ୩୦ଟି ଆଦିବାସୀ ଭାଷା ଶିକ୍ଷା କେନ୍ଦ୍ର ଖୋଲାଯାଇଛି । ଏଥିରେ ୩୦ ଜଣ ଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି । ଏମାନେ ଆଦିବାସୀ ଭାଷା ଶିକ୍ଷା ସହ ଆଦିବାସୀ ସଂସ୍କୃତି ଓ ପରମ୍ପରା ଉପରେ ମଧ୍ୟ ଶିକ୍ଷା ଦେବେ



ଦୀପାବଳି ଉପଲକ୍ଷେ ଭୁବନେଶ୍ୱରରେ ବାଣ ବଜାର

ମଦ୍ୟପ ପୁଲିସ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ, ୩ଟି ସ୍ଥାନରେ ସିରିଜ୍ ଦୁର୍ଘଟଣା

ଜଣେ ଗୁରୁତର : ଚିଂ ରୋଡ୍ ଅବରୋଧ

କଟକ, (ସବ୍ୟୁ): ମଦ୍ୟପାନ କରି ପୁଲିସ ବସ୍ ଚଲାଉଥିବା ଜଣେ ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡରେ କଟକ ସହରରେ ସିରିଜ୍ ଦୁର୍ଘଟଣା ଘଟିଛି। ଚହଟାରୁ ଯୋବ୍ରା ଅଭିମୁଖେ ଯାଉଥିବା ଏହି ପୁଲିସ ବସ୍ ପ୍ରଥମେ ଚିଂବନ୍ଧ ରାସ୍ତାରେ ଜଣେ ପଥଚାରୀଙ୍କୁ ଧକ୍କା ଦେବା ସହ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ପରେ ଗଡ଼ଗଡ଼ିଆ ମନ୍ଦିର ନିକଟରେ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣେ ଯୁବକ ଓ ଯୁବତୀ ଆହତ ହୋଇଥିଲେ। ଏହାସତ୍ତ୍ୱେ ବସ୍‌ଟି ନ ଅଟକି ମାତାମଠ ଛକ ନିକଟରେ ଆଉ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସ୍ୱାମୀ-ସ୍ତ୍ରୀ ଆହତ ହୋଇଥିଲେ। ତେବେ ପିଛା କରୁଥିବା ସ୍ଥାନୀୟ ଯୁବକମାନେ ଟ୍ରାଫିକ୍ ଜାମ୍‌ର ସୁଯୋଗରେ ବସ୍‌ଟିକୁ ଅଟକାଇ ଡ୍ରାଇଭରଙ୍କୁ କାବୁ କରିଥିଲେ। ଖବର ପାଇ ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରିଥିବା ଏବଂ ଠିକ୍‌ରେ ଚାଲିବା କିମ୍ବା କଥା କହିବାକୁ ମଧ୍ୟ ସକ୍ଷମ ନଥିବା ଅଭିଯୋଗ ହୋଇଛି।ଦୁର୍ଘଟଣାରେ ଗୁରୁତର ଆହତ ହରିଣପାର୍କ ବସ୍ତି ଅଞ୍ଚଳର ଅନି ନାୟକ (୪୦)ଙ୍କ ସମେତ ଅନ୍ୟ ଚାରି ଆହତଙ୍କୁ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ଅନି ନାୟକଙ୍କ ଅବସ୍ଥା ଗୁରୁତର ଥିବା ଖବର ପାଇ ବସ୍ତିବାସିନ୍ଦା ଚିଂ ରୋଡ୍‌ରେ ରାସ୍ତାରୋକ କରିଥିଲେ। ଉପଯୁକ୍ତ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଦୀର୍ଘ ସମୟଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ମୋତିଲାଲ ମାରାଣ୍ଡି ଓ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟର ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା। ଏନେଇ ଆହତଙ୍କ ପରିବାର ପକ୍ଷରୁ ବିଡ଼ାନାସୀ ଥାନାରେ ଏତଲା ଦିଆଯାଇଛି। ପୁଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ପୁଲିସ ବିଭାଗର ଜଣେ କର୍ମଚାରୀ ନିଜେ ମଦ୍ୟପାନ କରି ଏଭଳି ଦୁର୍ଘଟଣା ଘଟାଇବା ଘଟଣା ସହରରେ ତୀବ୍ର ପ୍ରତିକ୍ରିୟା ସୃଷ ହୋଇଛି ।

ସ୍ୱା ସେଣ୍ଟରରେ ଦେହ ବ୍ୟବସାୟ ଗ୍ରାହକ ଓ ରିସେପ୍ସନିଷ୍ଟ ଧରାପଡ଼ିଲେ, ୨ ମହିଳା ଉଦ୍ଧାର

ପୁରୀ, (ସବ୍ୟୁ): ପୁରୀ ସହରର ସିଟି ରୋଡ୍ ନିକଟସ୍ଥ ଏକ ସ୍ୱା ସେଣ୍ଟରରେ ଦେହ ବ୍ୟବସାୟ ଚାଲୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଚଢ଼ାଉ କରିଛି। ଗୁପ୍ତ ସୂଚନା ଆଧାରରେ ପୋଲିସ ହେଭେନ୍ ସ୍ୱା ସେଣ୍ଟରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଜଣେ ଗ୍ରାହକ ଓ ଜଣେ ରିସେପ୍ସନିଷ୍ଟଙ୍କୁ ପୋଲିସ ଧରିଥିବାବେଳେ ଦୁଇଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସମୁଦ୍ରକୂଳ ଥାନାରେ କେସ୍ ନମ୍ବର ୩୬୯/୨୦୨୬ ରୁଜୁ ହୋଇ ତଦନ୍ତ ଚାଲିଛି। ସ୍ୱା ସେଣ୍ଟରର ଏହି କାର୍ଯ୍ୟକଳାପରେ ଅନ୍ୟ କେହ ସଂପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଉଦ୍ଧାର ହୋଇଥିବା ମହିଳାମାନଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ପାଇଁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ଦିନେଶ ଷଡଙ୍ଗୀ

ଭୁବନେଶ୍ୱର, (ସବ୍ୟୁ) : ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦିନେଶ ଷଡଙ୍ଗୀ, ପତ୍ନୀ ଡାକ୍ତର ବିନି ଷଡ଼ଙ୍ଗୀ ଏବଂ ନାତି ଚିନ୍ମୟ ଷଡଙ୍ଗୀ ଭୁବନେଶ୍ୱରସ୍ଥିତ ଲୋକ ଭବନଠାରେ ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ କରିଛନ୍ତି । ସାକ୍ଷାତ କରିବା ବେଳେ ସେ ରାଜ୍ୟପାଳଙ୍କୁ ଉତ୍ତରୀୟ, ଝାଡ଼ଖଣ୍ଡର ସୋହରାଇ ପେଣ୍ଟିଂ, ସମୟ ସମ୍ବାଦପତ୍ର ପକ୍ଷରୁ ପ୍ରକାଶିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥାବସ୍ତୁ ଆଧାରିତ ପୁସ୍ତକ 'ମହାବାହୁ' ଏବଂ ଟିପିଏସ୍ ଟ୍ରଷ୍ଟର କ୍ୟାଲେଣ୍ଡର ପ୍ରଭୃତି ପ୍ରଦାନ କରିଛନ୍ତି । ଏହି ଅବସରରେ ଓଡ଼ିଆ ଭାଷାଭାଷୀ ସଂଖ୍ୟାଲଘୁମାନଙ୍କର ଦୀର୍ଘଦିନର ସମସ୍ୟା ଓ ଅଭିଯୋଗକୁ ନେଇ ଏକ ୫-ଦଫା ସମ୍ବଳିତ ଦାବିପତ୍ର ଡାକର ଷଡ଼ଙ୍ଗୀ ପ୍ରଦାନ କରିଛନ୍ତି । ସେଥିରେ ଉତ୍କଳ ସମ୍ମିଳନୀ ଶିକ୍ଷକମାନଙ୍କର ବାକି ଥିବା ଭତ୍ତା ତୁରନ୍ତ ପ୍ରଦାନ କରାଯିବା ସହିତ ୧ ଅପ୍ରେଲ ୨୦୨୪ରୁ ପିଛିଲାଭାବେ ମାସିକ ବର୍ଦ୍ଧିତ ପାରିଶ୍ରମିକ ୬,୦୦୦ ଟଙ୍କା ପ୍ରଦାନ ପ୍ରଦାନ କରାଯିବା, ପୂର୍ବରୁ ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ସରକାରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ଚୁକ୍ତିଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯିବା, ଏଥିପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ ଏବଂ ସିଂହଭୂମ ଉତ୍କଳ ସଭା, ଉତ୍କଳ ସମ୍ମିଳନୀ, ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ ଓ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନଙ୍କ ମଧ୍ୟରେ ନିୟମିତ ସମୀକ୍ଷା ବୈଠକ , ରାଞ୍ଚି ଲୋକଭବନରେ ମହାନ ସଂଗ୍ରାମୀ ରାଜା ଅର୍ଜୁନ ସିଂହ, ଜଗୁ ଦେୱାନ, ପୋଟା ହୋ, ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ଡୁଲୁ ମାଙ୍କି, ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ଅନ୍ୟାନ୍ୟ ପ୍ରମୁଖ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସିଂହଭୂମ (କୋଲହାନ) କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ରାଜା ଅର୍ଜୁନ ସିଂହ, ଜଗୁ ଦେୱାନ ଏବଂ ପୋଟା ହୋ'ଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପଶ୍ଚିମ ସିଂହଭୂମ ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସ, ଡୁଲୁ ମାଙ୍କି ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଆଦି ଦାବି ରହିଛି । ମାନ୍ୟବର ରାଜ୍ୟପାଳ ଉପରୋକ୍ତ ଦାବିଗୁଡ଼ିକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ ଏବଂ ଅଭିଯୋଗର ନିରାକରଣ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି ।

ପବିତ୍ର କାଳିପୂଜା ଏବଂ ଦୀପାବଳୀ ଅବସରରେ ରାଜ୍ୟ ସଭାପତିଙ୍କ ଶୁଭେଚ୍ଛା ବାର୍ତ୍ତା

ଜୀବନରୁ ଅନ୍ଧକାର ଦୂର କରି ସମୃଦ୍ଧିର ନୂତନ ଆଲୋକ ପ୍ରଦାନ କରୁ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଦୀପାବଳି ଏବଂ କାଳୀପୂଜା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା, ଅଭିନନ୍ଦନ ଜଣାଇଛନ୍ତି । ଆଲୋକର ମହାପର୍ବ ଦୀପାବଳି ଆମ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଜ୍ଞାନ, ପ୍ରଗତି ଏବଂ ସମୃଦ୍ଧିର ନୂତନ ଆଲୋକ ପ୍ରଦାନ କରୁ। ଜଗତଜନନୀ ମାଆ କାଳୀଙ୍କ କୃପାରୁ ରାଜ୍ୟର ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ପ୍ରଚୁର ଆନନ୍ଦ ଭରିଯାଉ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କାମନା କରିଛନ୍ତି। ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ନେଇ ଆଗକୁ ବଢୁଥିବା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନରେ ଏହି ପର୍ବ ଉତ୍ସାହ ଓ ଶକ୍ତି ସଞ୍ଚାର କରୁ। ନିରାପଦ ଏବଂ ସତର୍କତାର ସହ ଦୀପାବଳୀ ପର୍ବ ପାଳନ କରିବାକୁ ନିବେଦନ କରିବା ସହିତ ଯେପରି ପ୍ରଦୁଷଣ ନବ୍ୟାପିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ସାମଲ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।



ଶ୍ରମ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଶ୍ରମ ନିର୍ଦ୍ଦେଶାଳୟର କ୍ଷେତ୍ରୀୟ ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରମିକ କଲ୍ୟାଣ, ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ, ଦାଦନ ଶ୍ରମିକ ସମସ୍ୟାର ନିରାକରଣ, ଶ୍ରମ ବିଭାଗର କାର୍ଯ୍ୟାଳୟ ନିର୍ମାଣ, PAReSHRAM ପୋର୍ଟାଲ୍ ଓ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ୨୦୧୨ର କାର୍ଯ୍ୟକାରିତା ସମେତ ବିଭିନ୍ନ ଶ୍ରମ ଆଇନ ଓ କଲ୍ୟାଣକାରୀ ବୋର୍ଡର କାର୍ଯ୍ୟ ସମୀକ୍ଷା କରାଯାଇଥିଲା।

ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ବୈଠକ ଏବଂ ନିର୍ଦ୍ଧାରିତ ସମୟରେ ଅଗ୍ରଗତି ରିପୋର୍ଟ ଦାଖଲ ମାଧ୍ୟମରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ, ଯୁଗ୍ମ ଶ୍ରମ କମିଶନରମାନେ ପ୍ରତି ମାସ ୭ ତାରିଖରେ ପ୍ରଭାଗୀୟ ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ କାର୍ଯ୍ୟ ସମୀକ୍ଷା କରିବେ। ସେହିପରି, ଡିଏଲ୍‌ସିମାନେ ପ୍ରତି ମାସ ୪ ତାରିଖରେ ଡିଏଲ୍‌ଓମାନଙ୍କର ଏବଂ ଡିଏଲ୍‌ଓମାନେ ପ୍ରତି ମାସ ୨ ଓ ୧୭ ତାରିଖରେ ସହକାରୀ ଶ୍ରମ ଅଧିକାରୀ ଓ ନିରୀକ୍ଷକମାନଙ୍କ କାର୍ଯ୍ୟ ସମୀକ୍ଷା କରିବେ।

୨୦୨୯ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ହାସଲ ଦିଗରେ ଅକ୍ଟୋବର ୨ରୁ ନଭେମ୍ବର ୧୪, ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର ସଫଳ ରୂପାୟନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରକୃତ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, କଲ୍ୟାଣକାରୀ ଯୋଜନାରେ ସେମାନଙ୍କୁ ସାମିଲ, କାର୍ଯ୍ୟସ୍ଥଳୀ ଯାଞ୍ଚ ଏବଂ ଶ୍ରମ ବିଭାଗର କାର୍ଯ୍ୟାଳୟ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା ହୋଇଥିଲା। ଶ୍ରମିକଙ୍କ ଅଧିକାର ସୁରକ୍ଷା ଓ କଲ୍ୟାଣକାରୀ ସେବାର ସୁବିଧା ସୁନିଶ୍ଚିତ କରିବା ପାଇଁ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଓ ଦୃଢ଼ ତଦାରଖ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଡୋଙ୍ଗା ଭେଙ୍କଟ ସ୍ୱାମୀ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ପ୍ରଭାଗୀୟ ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀମାନେ ଉପସ୍ଥିତ ଥିଲେ।



ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ସମ୍ପର୍କୀତ ଫଟୋଚିତ୍ର ପଦର୍ଶିତ ହୋଇଥିଲା। ଦାନ୍ତ ଅବକ୍ଷୟ, ପ୍ରାଣୀର ସୂକ୍ଷମ ଖାଦ୍ୟ, ସଜୀବ ନିର୍ଜୀବ, ପାଚନ କ୍ରିୟା, ଜଳ ଚକ୍ର, ପ୍ରାକୃତିକ ବିପର୍ଯ୍ୟୟ ନିରାକରଣ, ଶରୀର ଅଂଗ ଆଦି ଅନେକ ପ୍ରକାରର ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଣିକୋଇଲି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ର, ମୁଖ୍ୟ ବକ୍ତାଭାବେ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ଶତାବ୍ଦୀ ସ୍ମରଣୀକା ସ୍ୱାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ। ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉପ କନିଷ୍ଠ ବିଭାଗରେ ଓମେର ମୁସ୍ତଫା ଖାନ ପ୍ରଥମ, ଆୟୁଷ କୁମାର ଜେନା ଦ୍ୱିତୀୟ ଓ ଦିବଯଜଂଜନ ଖଣ୍ଡାଇ ତୃତୀୟ, ବରିଷ୍ଠ ବିଭାଗରେ ରିୟାଂଶୀ ମଝୁରୀ ବେହେରା ପ୍ରଥମ, ଶିକ୍ଷା ସନ୍ୟା ବେହେରା ଦ୍ୱିତୀୟ ଓ ଶୁଭସ୍ମିତା ପରିଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥି ମାଦଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର ସେନାପତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାପେ ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ

୧୦ମାସରେ ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ

କଟକ,(ସବ୍ୟୁ): ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ଓ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ଆଜି ଅପରାହ୍ନରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରଯାଇଥିଲା। ଅନ୍ୟପକ୍ଷରେ, ସଡ଼କ ଦୁର୍ଘଟଣା ରୋକିବା ପାଇଁ ରାସ୍ତାର ଧାର ଭାଙ୍ଗିଯାଇଥିବା ସ୍ଥାନଗୁଡ଼ିକର ମରାମତି ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ରେଡିୟମ ଲାଇଟ ଲାଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ରାସ୍ତା' ନାମକ ହ୍ୱାଟ୍ସଆପ୍ ଆଧାରିତ ରୋଡ୍ ଆକ୍ସିଡେଣ୍ଟ ରେସପନ୍ସ ଚାଟ୍‌ବଟ୍‌ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଥିବା ସଂପର୍କରେ ଆଲୋଚନା ହୋଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ସଡ଼କ ଦୁର୍ଘଟଣା ସମ୍ପର୍କରେ ତୁରନ୍ତ ସୂଚନା ପ୍ରଦାନ, ସୂଚନାର ଶୀଘ୍ର ପ୍ରସାର ଏବଂ ସଂପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଦୁର୍ଘଟଣା ସମ୍ପର୍କରେ ଚାଟ୍‌ବଟ୍‌ରେ ସୂଚନା ଦାଖଲ ହେବା ମାତ୍ରେ ସଂପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ପୁଲିସ, ମାଷ୍ଟର ଟ୍ରେନର, ରକ୍ଷକ ଓ ଜୁନିୟର ରକ୍ଷକଙ୍କ ନିକଟରେ ସୂଚନା ପହଞ୍ଚିବ। ସମସ୍ତ ଥାନାକୁ 'ଆମ ରାସ୍ତା' ବ୍ୟବସ୍ଥା ସମ୍ପର୍କରେ ସଚେତନ କରିବା, ପୁଲିସ କର୍ମଚାରୀଙ୍କୁ ଏହାର କାର୍ଯ୍ୟପ୍ରଣାଳୀ ସହ ପରିଚିତ କରାଇବା ଏବଂ ସଂପୃକ୍ତ ବିଭାଗଗୁଡ଼ିକ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ଉପରେ ଜୋର ଦିଆଯାଇଛି । ଅନ୍ୟପକ୍ଷରେ ରାସ୍ତାରେ ବୁଲା ଗୋରୁଗାଈଙ୍କ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ନିମନ୍ତେ ଖାଲି ଥିବା ସ୍ଥାନରେ ଗୋଶାଳା ନିର୍ମାଣ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ବେଆଇନ ବାଣ ବ୍ୟବସାୟ ଉପରେ ପୁରୀ ପୋଲିସର ଚଢ଼ାଉ

୧୮ ମାମଲା ରୁଜୁ, ୫୦ ଲକ୍ଷ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ

ପୁରୀ, (ସବ୍ୟୁ): ବେଆଇନ ବାଣ ପ୍ରସ୍ତୁତି, ଗଚ୍ଛିତକରଣ ଓ ବିକ୍ରୟ ଉପରେ ରୋକ୍ ଲଗାଇବା ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲାବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୮ଟି ମାମଲା ରୁଜୁ ହୋଇଛି। ପୋଲିସର ଚଢ଼ାଉ ବେଳେ ପ୍ରାୟ ୫୦ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକାର ବାଣ, ଆତସବାଜି ଏବଂ ବାଣ ପ୍ରସ୍ତୁତିରେ ବ୍ୟବହୃତ ବିସ୍ଫୋରକ ଓ ବିପଦପୂର୍ଣ୍ଣ ରାସାୟନିକ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାଗୁଡ଼ିକରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଉଛି। ଅଗ୍ନିକାଣ୍ଡ ଓ ବିସ୍ଫୋରଣଜନିତ ଦୁର୍ଘଟଣା ରୋକିବା ସହ ଜନସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସର ଯାଞ୍ଚ ଓ ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ପୁରୀ ପୋଲିସ ପକ୍ଷରୁ କୁହାଯାଇଛି। ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ବେଆଇନ ଭାବେ ବାଣ

ଗଞ୍ଜାମର ୮ ପ୍ରମୁଖ ରୁଟରେ ଗଡ଼ିବ ୨୫ ଇଲେକ୍ଟ୍ରିକ୍ ବସ୍

ଛତ୍ରପୁର, (ସବୁ୍ୟ): ଗଞ୍ଜାମ ଜିଲ୍ଲାର ନଗର ପରିବହନ ବ୍ୟବସ୍ଥାକୁ ଆଧୁନିକ ଓ ପରିବେଶ ଅନୁକୂଳ କରିବା ସହ ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇବା ଲକ୍ଷ୍ୟରେ ୮ଟି ପ୍ରମୁଖ ରୁଟରେ ଇଲେକ୍ଟ୍ରିକ ବସ୍ ସେବାର ଶୁଭାରମ୍ଭ ହୋଇଛି । ଆଜି ଛତ୍ରପୁରଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏହି ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୨୩ଟି ବସ୍ ଚଳାଚଳ କରିବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୨ଟି ବସ୍ ନିୟୋଜିତ ହେବ ।



ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ପରିବେଶ ଅନୁକୂଳ ଇଲେକ୍ଟ୍ରିକ୍ ବସ୍ ଚଳାଚଳ ଗଞ୍ଜାମ ଜିଲ୍ଲାର ନଗର ପରିବହନ ବ୍ୟବସ୍ଥାକୁ ଏକ ନୂତନ ଦିଗ ଦେବ । ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ, ମହିଳା, ବରିଷ୍ଠ ନାଗରିକ ଓ ସାଧାରଣ ଯାତ୍ରୀମାନେ ସୁରକ୍ଷିତ, ସୁଲଭ, ସମୟାନୁବର୍ତ୍ତୀ ଏବଂ ଆରାମଦାୟକ ଗଣପରିବହନ ସେବା ପାଇପାରିବେ । ଏହା କେବଳ ଯାତାୟାତକୁ ସୁଗମ କରିବ ନାହିଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ମଧ୍ୟ ଗତିଶୀଳ କରିବ । ଗୋପାଳପୁର ଓ ସୋନାପୁର ବେଳାଭୂମି, ମା' ଶ୍ୟାମଳାଇ ମନ୍ଦିର ଏବଂ ମା' ତାରାତାରିଣୀ ପୀଠକୁ ଉନ୍ନତ ଗମନାଗମନ ସୁବିଧା ମିଳିବା ଫଳରେ ପର୍ଯ୍ୟଟନ ସହ ସ୍ଥାନୀୟ ବାଣିଜ୍ୟ ଓ ଆର୍ଥିକ କାର୍ଯ୍ୟକଳାପକୁ ମଧ୍ୟ ନୂତନ ଗତି ମିଳିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଛତ୍ରପୁର ପୌରପରିଷଦ ଅଧ୍ୟକ୍ଷ ଜି. ପାପା ରାଓ, ବରିଷ୍ଠ ସମାଜସେବୀ ସରୋଜ ସାବତ, ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇଁ, ଛତ୍ରପୁର ପୌରପରିଷଦର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, କାଉନସିଲରମାନଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ଛତ୍ରପୁର କ୍ୟୁଟ୍ ମ୍ୟାନେଜର ଶିବ ପ୍ରସାଦ ରାଓ ଏବଂ ବ୍ରହ୍ମପୁର କ୍ୟୁଟ୍ ମ୍ୟାନେଜର ଅକ୍ଷୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଫଳରେ ମୋଟ ୨୫ଟି ଇଲେକ୍ଟ୍ରିକ ବସ୍ ଏହି ରୁଟ ଗୁଡ଼ିକରେ ଯାତ୍ରୀ ସେବା ଯୋଗାଇବ । ଏହାଦ୍ୱାରା ଜିଲ୍ଲାବାସୀଙ୍କ ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ବିଶେଷ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି । ଏହି ୮ଟି ରୁଟ୍ ମଧ୍ୟରେ ଛତ୍ରପୁରରୁ ହିଞ୍ଜିଳିର ମା' ଶ୍ୟାମଳାଇ ମନ୍ଦିରକୁ ୫ଟି, ରମ୍ଭାକୁ ୪ଟି ଏବଂ ବ୍ରହ୍ମପୁରର ଡୁଡୁମା କଲୋନୀକୁ ୪ଟି ବସ୍ ଚଳାଚଳ କରିବ । ସେହିପରି ଗୋପାଳପୁରକୁ ଦୁଇଟି ଭିନ୍ନ ରୁଟରେ ୨ଟି ଲେଖାଏଁ ମୋଟ ୪ଟି ବସ୍, ସୋନାପୁର ବେଳାଭୂମିକୁ ୨ଟି, ମା' ତାରାତାରିଣୀ ମନ୍ଦିରକୁ ୨ଟି ଏବଂ ରେଗିଡ଼ିସ୍ଥିତ ସମ୍ ହସ୍ପିଟାଲ ରୁଟରେ ୨ଟି ବସ୍ ଯାତାୟାତ କରିବ । ଏହି ରୁଟ ଗୁଡ଼ିକ ସୁନ୍ଦରପୁର, ଟାଙ୍ଗଣାପଲ୍ଲୀ, ତାରାତାରିଣୀ ଛକ, ଚମାଖଣ୍ଡି, ମାଣ୍ଡିଆପଲ୍ଲୀ, ଗୋପାଳପୁର ଜଙ୍କସନ୍, ବ୍ରହ୍ମପୁର ରେଳ ଷ୍ଟେସନ୍, ରଣ୍ଡା ଓ ନିଷ୍ଟ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ପ୍ରମୁଖ ସ୍ଥାନକୁ ସଂଯୋଗ କରିବ ।











ଦୀର୍ଘ ବର୍ଷେ ପରେ ବାପାଙ୍କୁ ଭେଟିଲା ନାବାଳିକା ଝିଅ

ଖଡ଼ିଆଳ ଉପକାରାଗାରରେ ଭାବବିହ୍ୱଳ ମୁହୂର୍ତ୍ତ

ନୂଆପଡ଼ା, (ସବ୍ୟୁ): ପାରିବାରିକ ସମ୍ପର୍କର ସୁରକ୍ଷା ସହ ଶିଶୁମାନଙ୍କ ମାନସିକ ଓ ଭାବନାତ୍ମକ କଲ୍ୟାଣକୁ ଗୁରୁତ୍ୱ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ନୂଆପଡ଼ାର ଉଦ୍ୟମରେ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି । ଦୀର୍ଘ ପ୍ରାୟ ଏକ ବର୍ଷର ବିଚ୍ଛେଦ ପରେ ଖଡ଼ିଆଳ ଉପକାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀ ନିଜ ନାବାଳିକା ଝିଅକୁ ଭେଟିବାର ସୁଯୋଗ ପାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ନିଜ ପତ୍ନୀଙ୍କ ମୃତ୍ୟୁ ସମ୍ପର୍କିତ ଏକ ହତ୍ୟା ମାମଲାରେ ବିଚାରାଧୀନ ଥିବା ସମ୍ପୃକ୍ତ ବ୍ୟକ୍ତି ଖଡ଼ିଆଳ ଉପକାରାଗାରରେ ରହୁଛନ୍ତି । କାରାଗାରରେ ଥିବା କାରଣରୁ ସେ ଦୀର୍ଘ ଏକ ବର୍ଷ ଧରି ନିଜ ଏକମାତ୍ର ନାବାଳିକା ଝିଅକୁ ଦେଖିବାର ସୁଯୋଗ ପାଇନଥିଲେ । ଝିଅକୁ ଥରେ ଦେଖିବା ଓ ସାକ୍ଷାତ କରିବା ପାଇଁ ସେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଏବଂ କାରାଗାର କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ । ଏହି ସମୟରେ ଡିଏଲଏସଏ, ନୂଆପଡ଼ାର ସଚିବ ନବନୀତା ଦାଶ ଖଡ଼ିଆଳସ୍ଥିତ ଏକ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିବା ବେଳେ ଜାଣିବାକୁ ପାଇଥିଲେ ଯେ, ସମ୍ପୃକ୍ତ କଏଦୀଙ୍କ ଏକମାତ୍ର ଝିଅ ସେପ୍ଟେମ୍ବର ୨୦୨୫ରୁ ଉକ୍ତ ଅନୁଷ୍ଠାନରେ ରହୁଛନ୍ତି । ହେଲେ ଦୀର୍ଘ ଦିନ ଧରି ସେ ନିଜ ବାପାଙ୍କୁ ଭେଟିବାର ସୁଯୋଗ ପାଇନଥିଲେ ।

ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ସଚିବ ନବନୀତା ଦାଶ ତୁରନ୍ତ ହସ୍ତକ୍ଷେପ କରିଥିଲେ । ଆବଶ୍ୟକ ଆଇନଗତ ପ୍ରକ୍ରିୟା ଓ ଶିଶୁର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି), ନୂଆପଡ଼ାଠାରୁ ଆବଶ୍ୟକ ଅନୁମତି ଗ୍ରହଣ କରି ବାପା ଓ ଝିଅଙ୍କ ମଧ୍ୟରେ ସାକ୍ଷାତକାରର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡିଏଲଏସଏର ଏହି ତ୍ୱରିତ ପଦକ୍ଷେପ ଏବଂ ଆବଶ୍ୟକ ଆଇନଗତ ଔପଚାରିକତା ପୂରଣ ପରେ ଶେଷରେ ଖଡ଼ିଆଳ ଉପକାରାଗାରର ମୁଲାକାତ୍ କେଲ ଆଇନ ସହାୟତା କେନ୍ଦ୍ରଠାରେ ନାବାଳିକା ଝିଅଟି ନିଜ ବାପାଙ୍କୁ ଭେଟିବାର ସୁଯୋଗ ପାଇଥିଲା । ଦୀର୍ଘ ଦିନର ବିଚ୍ଛେଦ ପରେ ପରସ୍ପରକୁ ଦେଖିବାର ଏହି ମୁହୂର୍ତ୍ତ ଉଭୟ ବାପା ଓ ଝିଅଙ୍କ ପାଇଁ ଅତ୍ୟନ୍ତ ଭାବବିହ୍ୱଳ ଓ ସ୍ମରଣୀୟ ହୋଇଥିଲା ।

ଏଥିସହ ନାବାଳିକା ଝିଅଟି ଯେପରି ନିୟମିତ ଭାବେ ନିଜ ବାପାଙ୍କୁ ଭେଟିପାରିବ, ସେଥିପାଇଁ ନୂଆପଡ଼ା ଶିଶୁ ମଙ୍ଗଳ ସମିତିଠାରୁ ଆବଶ୍ୟକ ଅନୁମତି ଆଣି ନିୟମିତ ସାକ୍ଷାତକାରର ବ୍ୟବସ୍ଥା କରିବାକୁ ସଚିବ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆଇନର ପରିସର ମଧ୍ୟରେ ମାନବିକତାର ଏକ ସ୍ପର୍ଶ : ଏହି ପଦକ୍ଷେପ କେବଳ ଜଣେ ବାପା ଓ ଝିଅଙ୍କ ମଧ୍ୟରେ ସାକ୍ଷାତକାରର ସୁଯୋଗ ସୃଷ୍ଟି କରିନାହିଁ, ବରଂ ଶିଶୁମାନଙ୍କ ଭାବନାତ୍ମକ ଆବଶ୍ୟକତା ଓ ପାରିବାରିକ ସମ୍ପର୍କର ଗୁରୁତ୍ୱ ପ୍ରତି ଆଇନ ସେବା ପ୍ରାଧିକରଣର ସମ୍ବେଦନଶୀଳ ଆଭିମୁଖ୍ୟକୁ ମଧ୍ୟ ପ୍ରତିଫଳିତ କରିଛି ।

ସଚେତନ ଗ୍ରାହକଙ୍କ ଚାହିଦା ସବୁଜ ବାଣ



ସମ୍ବଲପୁର,(ସବ୍ୟୁ): ଆଲୋକର ପର୍ବ ଦୀପାବଳିକୁ ନେଇ ଚାରିଆଡେ ଜୋରଦାର ପ୍ରସ୍ତୁତି ଚାଲିଛି । ବାଣ ବିକ୍ରି ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦୋକାନ ମାନ ଖୋଲିଛି । ସମ୍ବଲପୁର ଜିଲ୍ଲାରେ ମୋଟ ୧୮୨ଟି ଦୋକାନ ପ୍ରଶାସନିକ ଅନୁମତି ନେଇ ଖୋଲିଥିବା ଜଣାପଡିଛି । ସମ୍ବଲପୁର ସବ୍‌ଡିଭିଜନରେ ୧୫୬ଟି, କୁଚିଣ୍ଡାରେ ୧୯ଟି ଓ ରେଢାଖୋଲରେ ୭ଟି ଦୋକାନ ଖୋଲା ଯାଇଛି । ଏଥିପାଇଁ ଆବେଦନକାରୀ ମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିଥିଲେ। ନ୍ୟାୟାଳୟର ନିର୍ଦ୍ଦେଶାନାମା ଓ ସରକାରଙ୍କ କଡା ଚେତାବନୀକୁ ଆଧାର କରି ବାଣ ବିକ୍ରି ଉପରେ ଅନେକ କଟକଣା ଜାରି କରାଯାଇଛି । ବାଣ ବିକ୍ରି ପାଇଁ ଏକ ସ୍ୱତନ୍ତ୍ର ଗାଇଡଲାଇନ ରହିଛି । ବିପଦଜ୍ଜନକ ବାଣ ଫୁଟାଇବା ଓ ବିକ୍ରି ଉପରେ କଟକଣା ରହିଛି । ବିଶେଷ ଭାବେ ସବୁଜ ବାଣ ବିକ୍ରି ପାଇଁ ପରାମର୍ଶ, ବାଣ ଦୋକାନ ମଝିରେ ବ୍ୟବଧାନ , ଦୋକାନ ବାହାରେ ୫୦ମିଟର ଖାଲି ସ୍ଥାନ ରହିବାର ଆଦି ନିୟମ ରହିଛି । ଏସବୁ ନିୟମ ଅନୁଯାୟୀ ଦୋକାନ ସବୁ ଖୋଲା ଯାଇଛି । ତେବେ ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସଚେତନ ଗ୍ରାହକ ମାନଙ୍କ ମଧ୍ୟରେ ବେଶ ଚିନ୍ତା ରହିଛି । ସେମାନେ ଚଳିତବର୍ଷ ସବୁଜ ଦୀପାବଳି ପାଳନ କରିବାକୁ ମନସ୍ଥ କରିଛନ୍ତି ।

ଆଲୋକର ପର୍ବ ଦୀପାବଳି ପାଳନ ପାଇଁ ଲୋକେ ବାଣ କିଣୁଛନ୍ତି । ବଜାରରେ ଅଧିକ ଶବ୍ଦ ବା ଧୂଆଁ ହେଉଥିବା ବାଣ ବିକ୍ରି ଉପରେ କଟକଣା ଲଗାଯାଇଛି । ବିଭିନ୍ନ କମ୍ପାନୀ ମାନେ ଗାଇଡ ଲାଇନକୁ ଆଧାର କରି ବାଣ ପ୍ରସ୍ତୁତ କରି ବଜାରକୁ ଛାଡିଛନ୍ତି । ଏଭଳିସ୍ଥଳେ ବ୍ୟବସାୟୀ ମାନେ ସବୁଜ ବାଣ ବିକ୍ରି କରୁଛନ୍ତି । ଯାହାକି ସଚେତନ ଗ୍ରାହକଙ୍କ ପ୍ରଥମ ପସନ୍ଦ ରହିଛି । ଅନ୍ୟପଟେ ପୋଲିସ ବେଆଇନ ବାଣ କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ କରିଛି । ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କୌଣସି ଦୋକାନୀ ଅନୁମତି ବିନା ବାଣ ବିକ୍ରି କରୁଥିଲେ ଚଢାଉ କରାଯିବାର ବଯବସ୍ଥା ରହିଛି । ଏଥିସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

ତେବେ ସମ୍ବଲପୁର ସହରର ଅଇଁଠାପାଲି ପିଏଚ୍‌ଡି ପଡିଆ, ଚାରଭାଟି ଆଦି ସ୍ଥାନରେ ବାଣ ବିକ୍ରି କରାଯାଉଛି । ଏ ସମ୍ପର୍କରେ ତରିଆ ଫାୟାର ୱାର୍କ୍ସର ମାଲିକ ଅକ୍ଷୟ ତରିଆ କହିଛନ୍ତି ଯେ, ୨୦୧୮ମସିହାରୁ ଆମେ ସବୁଜ ବାଣ ବିକ୍ରି କରୁଛୁ । ଏଥିସହ ସବୁଜ ଦୀପାବଳି ପାଳନ ପାଇଁ ଗ୍ରାହକଙ୍କୁ ସଚେତନ କରିଆସିଛୁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଆଧାରରେ ବାଣ ବିକ୍ରି କରୁଥିବା ବେଳେ ଅଗୁରୁଜ ପାଗ ରହିଲେ ଭଲ ବ୍ୟବସାୟ ହେବ । ସେହିପରି ସମାଜସେବୀ ସିଦ୍ଧାର୍ଥ ଶାହା କହିଛନ୍ତି ଯେ, ଦୋକାନରେ ସବୁଜ ବାଣ ବିକ୍ରି ଉପରେ ଗୁରୁତ୍ୱ ଦିଆଯାଇଛି । ଶିବକାଶି, ରାୟପୁର ଆଦି ଅଞ୍ଚଳରୁ ବାଣ ଆଣି ବିକ୍ରି କରାଯାଉଛି । ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ସବୁଜ ବାଣ ଉପଲବ୍ଧ ରହିଛି । ଯାହାକି ଗ୍ରାହକ ମାନେ ବେଶ ପସନ୍ଦ କରୁଛନ୍ତି ।

ସାମ୍ବାଦିକଙ୍କ ମାତୃ ବିୟୋଗ

ବରଗଡ଼,(ସବ୍ୟୁ): ଅତାବିରା ବ୍ଲକ ସରଣ୍ଡାର ସ୍ୱର୍ଗତ ଅରକ୍ଷିତ ମହାପାତ୍ରଙ୍କ ପତ୍ନୀ ତଥା ସାମ୍ବାଦିକ ଯୁଧିଷ୍ଠିର ମହାପାତ୍ରଙ୍କ ମାଆ ପାର୍ବତୀ ମହାପାତ୍ର (୭୮)ଙ୍କ ଶନିବାର ଦିପହରରେ ପରଲୋକ ଘଟିଛି । ବାର୍ଦ୍ଧକ୍ୟଜନିତ କାରଣ ଯୋଗୁଁ କିଛି ଦିନ ତଳେ ବୁଲା ବଡ଼ ଡ଼ାଉରଖାନାରେ ଭର୍ତ୍ତି ହୋଇ ସରଣ୍ଡାସ୍ଥିତ ଘରକୁ ଫେରିଥିଲେ । ପୁଣି ଗୁରୁତର ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ ପାର୍ବତୀ ୬ ଝିଅ ଜନନୀ, ମନ, କାମିନୀ, ଦେବକୀ, ସେବତୀ, ଚାନ୍ଦିନୀ ଓ ଗୋଟିଏ ପୁଅ ସାମ୍ବାଦିକ ଯୁଷିଷ୍ଠିର, ପରିବାର ବର୍ଗଙ୍କୁ ଛାଡ଼ି ଯାଇଛନ୍ତି । ଝାଇଜୋର ସଂଲଗ୍ନ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ପୁତ୍ର ଯୁଧିଷ୍ଠିର ମୁଖାଗ୍ନୀ ଦେଇଥିଲେ। ଚାଷୀନେତା ବୀରେନ୍ଦ୍ର କର, ଜାବ ପକ୍ଷରୁ ବରିଷ୍ଠ ସଦସ୍ୟ ତଥା ଗୋ ନାଗରିକ କମିଟି ସଭାପତି ସୁରେଶ ଦାଶ, ଯୁଗ୍ମ ସଂପାଦକ ନରେନ୍ଦ୍ର ଦାଶ, ସାମ୍ବାଦିକ ହୃଷିକେଶ ଖମାରୀ , ସାମ୍ବାଦିକ ରବି ନାରାୟଣ ପଣ୍ଡା ଓ ସମ୍ପାଦକ ବଦ୍ରି ପ୍ରସାଦ ସାହୁ ପ୍ରମୁଖ ଶେଷ ଯାତ୍ରାରେ ସାମିଲ ଥିଲେ ।



ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

କଲମପୁର, (ସବ୍ୟୁ): କଳାହାଣ୍ଡି ମାଟିର ସନ୍ତାନ ଲୋକପ୍ରିୟ ଥିଲେ ରାସ ବିହାରୀ ବେହେରା । ଦୁଇ ଥର ବିଧାୟକ ରହି ରାଜ୍ୟ କ୍ୟାବିନେଟରେ କୃଷି ମନ୍ତ୍ରୀ ଏବଂ ଥରେ ସାଂସଦ ରୂପେ ନିର୍ବାଚିତ ହୋଇଥିଲେ। ଏଥିସହ ଅର୍ଜି ନାମକ ଏକ ଖବର କାଗଜର ପ୍ରତିଷ୍ଠାତା ରହି ଜିଲ୍ଲା ତଥା ସମଗ୍ର ରାଜ୍ୟ, ଦେଶ ସମେତ ବିଦେଶକୁ ମଧ୍ୟ ଖବର ପହଞ୍ଚି ପାରୁଥିଲା। ଜଣେ ରାଜନୀତିଜ୍ଞ ଲୋକପ୍ରିୟ,ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଲେଖକ କଳପରିଷଦ ର ପ୍ରତିଷ୍ଠାତା,ରାଜ୍ୟ କ୍ରିକେଟ ଆସୋସିଏସନର ସଭାପତି ,କବି, ସାହିତ୍ୟିକ, ଉପନ୍ୟାସିକ, କ୍ରୀଡ଼ା ପ୍ରେମୀ ତଥା ଅଜିବନ କଂଗ୍ରେସ ଦଳରେ ବିଭିନ୍ନ ପଦ ପଦବୀରେ ରହି ଅଞ୍ଚଳରେ ଗୌରବ ଅର୍ଜନ କରିଥିବା ସେଇ ମହାନ ବିଭୂତିଙ୍କ ଚଳିତ ମାସ ୩ ତାରିଖରେ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଯାଇଛି। ଏହି ଅବସରରେ ତାଙ୍କର ସଦଗତି କାମନା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। କଲମପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ନାଥ ସାହୁ,ପୂର୍ବତନ ସରପଞ୍ଚ ସଞ୍ଜୀବ ଠାକୁର,ଶଙ୍କର୍ଷଣ ବେହେରା,ବେଣୁଧର ପ୍ରଧାନ,କଳାହାଣ୍ଡି ଜିଲ୍ଲାର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହର୍ଷ ବେହେରା ,ଆଦିତ୍ୟ ପଣ୍ଡା ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବାସଭବନ ରେ ପହଞ୍ଚି ତାଙ୍କ ଅମର ଆତ୍ମା ଙ୍କ ସଦଗତି କାମନା ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଦେବାସହ କ୍ରିୟା କର୍ମ ପାଇଁ ଅସୀମ ଶକ୍ତି ପ୍ରଦାନ କରିବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ଲଡୁଗାଁ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା କାର୍ଯ୍ୟକ୍ରମ

କୋକସରା,(ସବ୍ୟୁ): ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଲଡୁଗାଁଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା, ସମ୍ବିଧାନ ପ୍ରତି ସମ୍ମାନ ଏବଂ ସଂସଦୀୟ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ 'ଛାୟା ବିଧାନସଭା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଧାନସଭାର ପ୍ରକୃତ କାର୍ଯ୍ୟଧାରାକୁ ଅନୁକରଣ କରି ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, ଶାସକ ଦଳର ସଦସ୍ୟ, ବିରୋଧୀ ଦଳର ନେତା, ସଚିବ ଏବଂ ଗଣମାଧ୍ୟମ ପ୍ରତିନିଧି ଭଳି ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ । ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ତୀକ୍ଷ୍ଣ ଓ ଯୁକ୍ତିଯୁକ୍ତ ପ୍ରଶ୍ନ ପଚାରିଥିବା ବେଳେ ମନ୍ତ୍ରୀମାନେ ତଥ୍ୟଭିତ୍ତିକ ଉତ୍ତର ରଖି ନିଜ ବିଭାଗର ଯୋଜନା ଓ କାର୍ଯ୍ୟପନ୍ଥା ବିଷୟରେ ଗୃହକୁ ଅବଗତ କରାଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ନାୟକଙ୍କ ମାର୍ଗଦର୍ଶନ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଏବିଇଓ ଶ୍ରୀମନ୍ତ ଧରୁଆ ଯୋଗଦେଇ ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଭୂମିକା ଓ ନାଗରିକ ଦାୟିତ୍ୱବୋଧ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଖିଳ ଚନ୍ଦ୍ର ଦାସ, ସାମାଜିକ କର୍ମୀ ସଞ୍ଜୟ କୁମାର ଅଗ୍ରୱାଲ ଓ ଆଲୁମିନି ସମ୍ପାଦକ ରବିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବୁଦ୍ଧିରାମ ନାଏକ ପରିଚାଳନା କରିଥିଲେ ।

ଦନ୍ତାହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର, (ସବ୍ୟ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା କଂସର ପଞ୍ଚାୟତ ଅନ୍ତର୍ଗତ ବୁଢ଼ିଆକଟା ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ବୁଢ଼ିଆକଟା ଗ୍ରାମର ଖଗେଶ୍ୱର ରଣଜିତ୍ (୨୬) ବୋଲି ଜଣାପଡିଛି । ଖବର ପାଇ ବନ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏନେଇ ଯୁଯୋମୁରା ଥାନା ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି । ସୂଚନାଯୋଗ୍ୟ, ବୁଢ଼ିଆକଟା ହରିଜନପଡାର ଖଗେଶ୍ୱର ଶନିବାର ଭୋର ସକାଳେ ଶୌଚ ପାଇଁ ଗ୍ରାମ ନିକଟସ୍ଥ ନାଳକୁ ଯାଇଥିଲେ । ଏହି ସମୟରେ ଜଙ୍ଗଲରୁ ଏକ ଦନ୍ତାହାତୀ ହଠାତ୍ ବାହାରି ତାଙ୍କୁ ଆକ୍ରମଣ କରିଥିଲା । ଏଥିସହ ଗୋଡରେ ଦଳି ଦେଇଥିଲା । ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣା ପରେ ଅଞ୍ଚଳରେ ଭୟର ଆତଙ୍କ ଖେଳି ଯାଇଛି।

ସ୍ୱର୍ଗତ ବିକାଶ ମେହେରଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ପଦ୍ମପୁର,(ସବ୍ୟୁ): ରାଜବୋଡ଼ାସମ୍ବର ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ସ୍ୱର୍ଗତ ବିକାଶ ମେହେରଙ୍କ ପରିବାରକୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଗତ ଅକ୍ଟୋବର ୨୭ ତାରିଖରେ ପଦ୍ମପୁର ଅଞ୍ଚଳର ସିଗନପୁର ଗ୍ରାମର ୨୭ ବର୍ଷୀୟ ଫଟୋଗ୍ରାଫର ବିକାଶ ମେହେରଙ୍କ ଅକାଳ ବିୟୋଗ ଘଟିଥିଲା । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ବିକାଶ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିବାବେଳେ ପଦ୍ମପୁର ଅଞ୍ଚଳର ଜଣେ ସୁନାମଧନ୍ୟ ଫଟୋଗ୍ରାଫର ଭାବେ ମଧ୍ୟ ତାଙ୍କର ପରିଚୟ ଥିଲା। ସେ ରାଜବୋଡ଼ାସମ୍ବର ଫଟୋଗ୍ରାଫର ଆସୋସିଏସନର ଜଣେ ପ୍ରମୁଖ ସଦସ୍ୟ ଥିଲେ । ତାଙ୍କ ଅକାଳ ବିୟୋଗରେ ୧୪ ମାସର ଏକମାତ୍ର ପୁଅ, ସ୍ତ୍ରୀ ଏବଂ ବୃଦ୍ଧ ବାପା-ମାଆ ଅସହାୟ ହୋଇପଡ଼ିଛନ୍ତି । ଏହି ଦୁଃଖଦ ଘଟଣାରେ ରାଜବୋଡ଼ାସମ୍ବର ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ଶନିବାର ବିକାଶଙ୍କ କ୍ରିୟା କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କ ବାପାଙ୍କ ହସ୍ତରେ ସଂଘ ପକ୍ଷରୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ରାଜବୋଡ଼ାସମ୍ବର ଫଟୋଗ୍ରାଫର ଆସୋସିଏସନ ସଭାପତି ମନୋଜ କୁମାର ମହାନ୍ତି, ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, ସହସମ୍ପାଦକ ଓମ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ରାଜେଶ ସାହୁଙ୍କ ସମେତ ଜିତେନ, ଅଶ୍ୱିନୀ, ଗୋପାଳ, ଦୀପକ, ରୂପେଶ, ରିଙ୍କୁ ପ୍ରମୁଖ ସଦସ୍ୟ ଯୋଗଦେଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆଶ୍ୱାସନା ପ୍ରଦାନ କରିଥିଲେ ।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶନିବାର ଡିଏମଏଫ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜସ୍ୱ ପ୍ରଶାସନ ସହ ଜଡ଼ିତ ବିଭିନ୍ନ ବିଭାଗର କାର୍ଯ୍ୟଧାରା ତଥା ସରକାରୀ ଯୋଜନାର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବିଶେଷ କରି ରାଜସ୍ୱ, ଅବକାରୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ପଞ୍ଜୀକରଣ, ଖଣି ଏବଂ ଜଳକର ବାବଦ ରାଜସ୍ୱ ଆଦାୟର ସ୍ଥିତି ଉପରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଚାଷୀ ପଞ୍ଜୀକରଣ, ଦାଖଲ ଖାରଜ, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ଓଏଲଆର୍ , ବିଭିନ୍ନ ସାର୍ଟିଫିକେଟ ମାମଲା, ଜବରଦଖଲ ଉଚ୍ଛେଦ ମାମଲା ଏବଂ ଜମିଜମା ରେକର୍ଡର ସ୍କାନିଂ ତଥା ଡିଜିଟାଇଜେସନ ଆଦି ବିଷୟର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ସମସ୍ତ ସେବାକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ମାମଲାଗୁଡ଼ିକର ଶୀଘ୍ର ଫଇସଲା କରିବାକୁ ସମସ୍ତ ତହସିଲଦାର ଓ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଓଏଲଆର୍ ଆଇନର ଧାରା ୮(୧)(ସି) ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରତିଷ୍ଠା ନିମନ୍ତେ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କ ସହ ଆଲୋଚନା କରି ଉପଯୁକ୍ତ ସରକାରୀ ଜମି ଚିହ

ଭାସ୍କର ରାଓଙ୍କ ଘରୁ ଆପତ୍ତିଜନକ ସାମଗ୍ରୀ ଓ ନଥିପତ୍ର ଜବତ କଲା ଇଓଡବ୍ଲ୍ୟୁ

ରାୟଗଡ଼ା,(ସମୟ) : ରାୟଗଡ଼ା ଟ୍ରକ ମାଲିକ ସଂଘରେ ପ୍ରାୟ ୮୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା, ପାଣ୍ଠି ହଡ଼ପ, ଦାଦାବଟି ଆଦାୟ ଓ ଅପରାଧିକ ଧମକ ଅଭିଯୋଗର ତଦନ୍ତକୁ ଜୋରଦାର କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ଏହି ମାମଲାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ. ଭାସ୍କର ରାଓଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉ ଶେଷ ହୋଇଛି । ଚଢ଼ାଉ ବେଳେ ବହୁ ଆପତ୍ତିଜନକ କାଗଜପତ୍ର, ସାମଗ୍ରୀ ଓ ନଗଦ ଟଙ୍କା ଜବତ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ମିଳିଛି । ବିଭାଗୀୟ ସୂଚନା ଅନୁଯାୟୀ, ଗତ ୬ ତାରିଖରେ ଇଓଡବ୍ଲ୍ୟୁର ୮ଟି ସବ୍‌ଓଡନ୍ତ ଟିମ ରାୟଗଡ଼ା ଓ ଭୁବନେଶ୍ୱର ସମେତ ମୋଟ ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ । ଏଥିରେ ଭାସ୍କର ରାଓଙ୍କ ରାଣିଗୁଡ଼ାସ୍ଥିତ ବାସଭବନ, ତାଙ୍କ ସହ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଟ୍ରକ ମାଲିକ ସଂଘ



କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସ୍ଥାନ ସାମିଲ ଥିଲା । ଅତିରିକ୍ତ ଏସ୍ପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ୫ ଜଣ ଡିଏସ୍ପି ଓ ୫ ଜଣ ଇନ୍ସପେକ୍ଟର ଏହି ଅଭିଯାନରେ ସାମିଲ ହୋଇଥିଲେ । ଚଢ଼ାଉ ସମୟରେ ରାୟଗଡ଼ା ଟ୍ରକ ମାଲିକ ସଂଘର ଖାଲି ଲେଟରହେଡ, ଆଦିତ୍ୟ ଲଜିଷ୍ଟିକ୍ସ (ପ୍ରା.) ଲିମିଟେଡ ନାମରେ ଜାରି ଟିକସ ଇନଭଏସ, ଖତିଆନ, ଏନ. ଭାସ୍କର ରାଓଙ୍କ ସମ୍ପତ୍ତି ଓ ଦାୟିତ୍ୱ ସମ୍ପର୍କିତ କାଗଜପତ୍ର, ବ୍ୟବହୃତ ଓ ଅବ୍ୟବହୃତ ରସିଦ ବହି, ନଗଦ ରସିଦ ବହି, କ୍ୟାସ ବୁକ ରେଜିଷ୍ଟର, ରିଜୋଲ୍ୟୁସନ ରେଜିଷ୍ଟର, ଚେକ ଇସ୍ୟୁ ରେଜିଷ୍ଟର ଓ ଷ୍ଟକ ରେଜିଷ୍ଟର ଆଦି ଜବତ କରାଯାଇଛି । ଏଥିସହ ବିକାଶ ପାଣ୍ଠିର ରସିଦ, ଚେକ ବୁକ, ବିଭିନ୍ନ ସିଲ ଓ ଷ୍ଟାମ୍ପ ସମେତ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଓ ନଥିପତ୍ର ମଧ୍ୟ ଜବତ ହୋଇଛି ।

ଇଓଡବ୍ଲ୍ୟୁ ପକ୍ଷରୁ ଜାରି ସାମ୍ବାଦିକ ବିଜ୍ଞପ୍ତି ଅନୁଯାୟୀ, ଚଢ଼ାଉରେ ମୋଟ ୧୭ ଲକ୍ଷ ୬ ହଜାର ୫୦୦ ଟଙ୍କା ନଗଦ ଜବତ ହୋଇଛି । ତେବେ ଜବତ ହୋଇଥିବା ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମଧ୍ୟରେ କେଉଁ କେଉଁ ବସ୍ତୁ ରହିଛି, ସେ ସମ୍ପର୍କରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରାଯାଇନାହିଁ । ଉଲ୍ଲେଖଯୋଗ୍ୟ ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ରେ ଯାଞ୍ଚକାରୀ ଅଧିକାରୀମାନେ ଭାସ୍କର ରାଓଙ୍କ ବାସଭବନରୁ ବାହାରିଥିଲେ । ସେତେବେଳେ ଚଢ଼ାଉ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲେ । ତେବେ ଶନିବାର ଇଓଡବ୍ଲ୍ୟୁ ପକ୍ଷରୁ ସାମ୍ବାଦିକ ବିଜ୍ଞପ୍ତି ଜାରି ହେବା ପରେ ଚଢ଼ାଉର ବିବରଣୀ ସାମ୍ନାକୁ ଆସିଛି । ଜବତ ହୋଇଥିବା ଦଲିଲ, ନଥିପତ୍ର ଓ ସାମଗ୍ରୀର ଯାଞ୍ଚ ଜାରି ରହିଛି । ଏହି ଯାଞ୍ଚରୁ ଆର୍ଥିକ ଅନିୟମିତତା ମାମଲାରେ ଆଉ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି ଏବଂ ତଦନ୍ତ କେଉଁ ଦିଗକୁ ଗତି କରୁଛି, ତାହା ଏବେ ଗୁରୁତ୍ୱ ବହନ କରୁଛି ।

ଜାନୁଆରୀ ୧୦ରେ ଭିସୁଟ୍ ଗ୍ଲୋବାଲ୍ ହାଫ୍ ମାରାଥନ୍

ସମ୍ବଲପୁର,(ସବ୍ୟୁ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ପକ୍ଷରୁ ଆସନ୍ତା ଜାନୁଆରୀ ୧୦ରେ ଦ୍ୱିତୀୟ ଭିସୁଟ୍ ଗ୍ଲୋବାଲ୍ ହାଫ୍ ମାରାଥନ୍ ଅନୁଷ୍ଠିତ ହେବ । ଭିସୁଟ୍ ଓଭରସିଜ୍ ଆଲୁମିନାଇ ଆସୋସିଏସନ୍ ସହ ମିଳିତ ଭାବେ ଏହା ବିଶ୍ୱବ୍ୟାପୀ ଆୟୋଜିତ ହେବ । ଏହି ମାରାଥନ୍‌ର ବାର୍ତ୍ତା ଇନୋଭେଟ୍, ରନ୍ ଏଣ୍ଡ ସଷ୍ଟେନ୍ । ଶନିବାର ଭିସୁଟ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ଏହି ସୂଚନା ଦେଇଥିଲେ । ସେ ଆହୁରୀ କହିଥିଲେ ଯେ, ଭିସୁଟ୍‌ର ୭୦ ବର୍ଷ ପୂର୍ତ୍ତି ତଥା ପ୍ଲାଟିନମ୍ ଜୁବଲି ଅବସରରେ ଏହି ମାରାଥନ୍ ଆୟୋଜିତ ହେବ । ନବସୃଜନ, ଯୁବପିଢ଼ିଙ୍କ ଶାରୀରିକ-ମାନସିକ ସୁସ୍ଥତା ଓ ପରିବେଶ ସୁରକ୍ଷା ଏହାର ମୁଖ୍ୟ ଉଦ୍ଦେଶ୍ୟ । ମାରାଥନ୍ ଭିସୁଟ୍ ମୁଖ୍ୟ ଫାଟକରୁ ଆରମ୍ଭ ହେବ । ଆମେରିକା, ବ୍ରିଟେନ ସମେତ ଦିଲ୍ଲୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁରରେ ଏକା ସାଙ୍ଗରେ ଦୌଡ଼ ହେବ । ଦେଶ-ବିଦେଶରେ ଥିବା ପୁରାତନ ଛାତ୍ରମାନେ ନିଜ ନିଜ ସହରରେ ସାମିଲ ହେବେ । ୨୦୨୬ର ପ୍ରଥମ ସଂସ୍କରଣରେ ୧୨ଟି ଦେଶର ୬୧ ବ୍ୟାଚର ୨୫୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଥିଲେ । ଏଥର ୩ଟି ବର୍ଗରେ ଦୌଡ଼ ହେବ । ଅଭିଜ୍ଞଙ୍କ ପାଇଁ ୨୧ କିମି ହାଫ୍ ମାରାଥନ୍, ନିୟମିତ ଧାବକଙ୍କ ପାଇଁ ୧୦ କିମି ପାଓ୍ୱାର ରନ୍ ଏବଂ ଛାତ୍ର ଓ ସାଧାରଣ ନାଗରିକଙ୍କ ପାଇଁ ୫ କିମି ଗ୍ରୀନ୍ ରନ୍ ରହିଛି । ପଞ୍ଜୀକରଣ ପାଇଁ ଓ୍ୱେବସାଇଟ୍‌କୁ ଅତ୍ୟାଧୁନିକ କରାଯାଇଛି । ଏହି ଅବସରରେ ନୂତନ ଓ୍ୱେବସାଇଟ୍ ଉନ୍ମୋଚନ କରାଯାଇଥିଲା । କୁଳସଚିବ ପ୍ରଦୀପ ଡାଙ୍ଗ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଡିନ୍ ପ୍ରଫେସର ସୁଧାଂଶୁ ଶେଖର ଦାସ, ପ୍ରଫେସର ପ୍ରିୟ ରଞ୍ଜନ ମହାପାତ୍ର ଓ ପ୍ରଫେସର ଡ. ଦେବସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଆଇଟିଆଇ ଅଧ୍ୟକ୍ଷ ଗିରଫ, ଅମାପ ସମ୍ପତ୍ତି ଠାବ

ବଲାଙ୍ଗିର (ସବ୍ୟୁ): ଲାଞ୍ଚ ନେଇ ଧରାପଡ଼ିବା ପରେ ଖୋଲୁଛି ବଲାଙ୍ଗିର ସରକାରୀ ଆଇଟିଆଇ ପ୍ରିନ୍ସିପାଲ ସୁରେଶ କୁମାର ଦଳବେହେରାଙ୍କ ସମ୍ପତ୍ତିର ପେଡ଼ି । ଭିଜିଲାନ୍ସ ଚଢ଼ାଉ ବେଳେ ତାଙ୍କ ଏବଂ ପରିବାର ସଦସ୍ୟଙ୍କ ନାମରେ ଦୁଇଟି କୋଠା, ୧୧ଟି ମୂଲ୍ୟବାନ ପ୍ଲଟ, ୨୬୩ ଗ୍ରାମ ସୁନା, ଅଢ଼େଇ କିଲୋ ରୁପା ଏବଂ ୫ ଲକ୍ଷ ୧୬ ହଜାର ଟଙ୍କା ନଗଦ ଠାବ ହୋଇଛି । ତାଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଅମାପ ସମ୍ପତ୍ତିର ଖୋଳତାଡ଼ ଚାଲିଛି ।



ସୂଚନା ଅନୁସାରେ, ଅତିଥି ପ୍ରଶିକ୍ଷକଙ୍କ ଚାକିରି ଅବଧି ବୃଦ୍ଧି ଏବଂ ନିୟମିତ ଦରମା ପ୍ରଦାନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତ ୬ ତାରିଖରେ ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଧରିଥିଲା । ଏହାପରେ ଆୟ ବର୍ହିଭୂତ ସମ୍ପତ୍ତି ଯାଞ୍ଚ ପାଇଁ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ରାଉରକେଲାରେ ଦୁଇ ମହଲା ବିଶିଷ୍ଟ ଗୋଟିଏ କୋଠା ସମେତ ମୋଟ ଦୁଇଟି କୋଠା ଠାବ ହୋଇଛି । ଏହାସହ ରାଉରକେଲା, ସୁନ୍ଦରଗଡ଼, ଜଟଣୀ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାରେ ୧୧ଟି ମୂଲ୍ୟବାନ ପ୍ଲଟ ଥିବା ଜଣାପଡ଼ିଛି । ସେହିପରି ଗୋଟିଏ ହୁଣ୍ଡାଇ କାର୍ ଓ ତିନୋଟି ଦୁଇଚକିଆ ଯାନ ମଧ୍ୟ ଠାବ କରିଛି ଭିଜିଲାନ୍ସ । ଲାଞ୍ଚ ମାମଲାରେ ଗିରଫ ସୁରେଶଙ୍କୁ ଶନିବାର ବଲାଙ୍ଗିର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି । ଅନ୍ୟପଟେ ଏହି ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି ।

ପ୍ରାକୃତିକ ଚାଷ ପଦ୍ଧତି ଅନୁଧ୍ୟାନ କଲେ କୃଷି ଅଧିକାରୀ

ରାୟଗଡା,(ସବ୍ୟୁ): ରାୟଗଡ଼ା ବ୍ଲକ କୁସିକୋଟା ଗ୍ରାମପଞ୍ଚାୟତର ଉଦୟପୁର ଓ ପିଟୁଡ଼ି ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଚାଲିଥିବା ପ୍ରାକୃତିକ ଓ ଜୈବ କୃଷି କାର୍ଯ୍ୟକ୍ରମକୁ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ନକ୍ଷତ୍ର ମୋହନ ରାଉଳ, ସହକାରୀ କୃଷି ଅଧିକାରୀ (ଏଡିଓ) ଶେଖ ଏହେସାନ ଓ ଡିପିଡି-ଆତ୍ମା ସୁଜିତ କୁମାର ପାଢ଼ୀ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଅଧିକାରୀମାନେ ଚାଷୀଙ୍କ ଦ୍ୱାରା ଚାଷ ହୋଇଥିବା ପାରମ୍ପରିକ କାଳାଜୀରା ଓ ଗୋବିନ୍ଦଭୋଗ ଧାନ କ୍ଷେତ ବୁଲି ଦେଖିବା ସହ କୃଷି ବିଭାଗର ସହଯୋଗରେ ହୋଇଥିବା ଅରହର ଚାଷ ଅନୁଧ୍ୟାନ କରିଥିଲେ । ଉଦୟପୁରଠାରେ ଫାଉଣ୍ଡେସନ ପକ୍ଷରୁ ସ୍ଥାପିତ ବାୟୋ-ଇନପୁଟ୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଜୈବ ସାର ଓ ପ୍ରାକୃତିକ କୃଷି ଉପକରଣ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ । ଚାଷୀମାନେ ଜମିରେ ହାଣ୍ଡିଖତା ଓ ନାମାସ୍ତ୍ର ଭଳି ଜୈବ ସାର ଏବଂ ଜୈବ କୀଟନାଶକ ବ୍ୟବହାର କରି ଚାଷ କରୁଥିବା ପଦ୍ଧତି ଦେଖିଥିଲେ । ପରେ ଚାଷୀଙ୍କ ସହ ଆଲୋଚନା କରି ଦେଶୀ ବିହନ ସଂରକ୍ଷଣ, ମାଟିର ଉର୍ବରତା ବୃଦ୍ଧି ଓ ଜୈବ ସାର ବ୍ୟବହାରର ଉପକାରିତା ଉପରେ ମତବିନିମୟ କରିଥିଲେ । ଏଥିରେ ଶାଲାର ଫାଉଣ୍ଡେସନର ଅଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ପ୍ରାକୃତିକ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି ସହ ସ୍ଥାୟୀ କୃଷି ପଦ୍ଧତିର ପ୍ରସାରରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଥୁଆପଦର ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ କଳାହାଣ୍ଡି ଜିଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଥୁଆପଦର ଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ଆଦର୍ଶ ବିଦ୍ୟାଳୟ ଦ୍ୱାରା ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଆହୁରି ମଜବୁତ ହେବ ବୋଲି କହିଥିଲେ । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଶିକ୍ଷା ର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ବିଦ୍ୟାଳୟ ସ୍ଥାପନ ଦ୍ୱାରା ଶିଶୁ ମାନେ ଗୁଣାତ୍ମକ, ମୂଲ୍ୟବୋଧ ଭିତ୍ତିକ ଓ ଆଧୁନିକ ଶିକ୍ଷା ପାଇପାରିବେ । ବିଦ୍ୟାଳୟରେ ସବୁଜ ଓ ସ୍ୱଚ୍ଛ ପରିବେଶ, ସ୍ମାର୍ଟ କ୍ଲାସରୁମ, କ୍ରୀଡ଼ା,ଡିଜିଟାଲ ଲାଇବ୍ରେରୀ, ବାଳକ ଓ ବାଳିକାଙ୍କ ପାଇଁ ସତନ୍ତ୍ର ଶୌଚାଳୟର ବ୍ୟବସ୍ଥା ରହିବ । କଳାହାଣ୍ଡି ଜିଲ୍ଲାରେ ଆଜି ଭବାନୀପାଟଣା, ଧର୍ମଗଡ଼, ଜୟପାଟଣା,ଜୁନାଗଡ, ଲାଞ୍ଜିଗଡ଼,ଏମ ରାମପୁର, ଥୁଆ ମୁଲ ରାମପୁର ର ୧୬ ଟି ଗ୍ରାମପଞ୍ଚାୟତରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି ।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ନେଇ ଉତ୍ସାହ

ଜୟପାଟଣା,(ସବ୍ୟୁ): ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଦୁଇଟି ସ୍ଥାନରେ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ଜୟପାଟଣା ବ୍ଲକର ଆଦିବାସୀ ଅଧ୍ୟୁଷିତ ବଣ ପାହାଡ ଘେରା ଶାସ୍ତ୍ରୁଗୁଡ଼ା ଓ ଅଁଳାଭଟା ଠାରେ ଦୁଇଟି ବିଦ୍ୟାଳୟ ପାଇଁ ଶିଳାନ୍ୟାସ ଯୋଗୁଁ ଶିକ୍ଷା କ୍ଷେତ୍ରରେ ଅବହେଳିତ ଏହି ଦୁର୍ଗମ ଅଂଚଳ ରେ ନୂତନ ଆଶା ସଂଚାର ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମ କୁ ସମବେତ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ଆଗ୍ରହର ସହିତ ଦେଖିବା ସହ ସାଗତ କରିଥିଲେ । ଶାସ୍ତ୍ରୁଗୁଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ଅଧକ୍ଷତା କରିଥିବା ବେଳେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିସାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ କର୍ମୀ ଶେଷଦେବ ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିଜୟ କୁମାର ଦିଶାରୀ, ତହସିଲଦାର ଦୀପ୍ତି ରେଖା ବାଗ, ଦକ୍ଷିଣ ଓଡିଶା ଆଦିବାସୀ ସଂଘ ସଭାପତି ଗଙ୍ଗାଧର ମାଝୀ, ସରପଞ୍ଚ କୈଳାଶ ସାହୁ, ସିଆରସିସି ଶୁକଦେବ ନାଗ,ସମିତି ସଭ୍ୟା ଜାନକୀମାଝୀ, ସମାଜ ସେବୀ ଚନ୍ଦ୍ର କିଶୋର ନାୟକ, ମଣ୍ଡଳ ସଭାପତି ଅରବିନ୍ଦ ପଣ୍ଡା, ଏବିଇଓ ମାଧବ ଚନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୋହିତ ମହାରଣା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ପଣ୍ଡା, ନାଏବ ସରପଞ୍ଚ ରନି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତା କର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । କ୍ରୀଡା ଶିକ୍ଷକ ସୁନୀଲ ଧଙ୍ଗଡା ମାଝୀ ଓ ସହ ଶିକ୍ଷୟିତ୍ରୀ ମୋନାଲିସା ଦଳପତି ମଞ୍ଚ ପରିଚାଳନା କରିଥିଲେ । ସେହିପରି ଅଁଳାଭଟା ବିଦ୍ୟାଳୟ ରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତ କୁମାର ନାଏକ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜୟପାଟଣା ପଂଚାୟତ ସମିତି ଅଧକ୍ଷ ଥିରାଗ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଅଙ୍ଗଦ ମାଝୀ,ଦେ ପୁଝାରୀ, ସରପଂଚ ଭଗବତୀ ନାଏକ, ଧନଞ୍ଜୟ ନେଗୀ, ଜିଲ୍ଲା ଯୁବ ସଭାପତି ଅବିନାଶ ନନ୍ଦ, ସିଆରସିସି ସନ୍ତୋଷ ରଥ, ପ୍ରଧାନ ଶିକ୍ଷକ ମାନସ ପାତ୍ର,ସାମ୍ବାଦିକ। ସମୀକ୍ଷା ପ୍ରହରାଜ,ଅସରଫ ଅଲ୍ଲୀ, ମନୋଜ ପାତ୍ର, ଦାମୋଦର ଦାସ, ପ୍ରକାଶ ଠାକୁର ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଅନନ୍ତ ନାରାୟଣ ପଣ୍ଡା ଓ ସୁନିଲ କୁମାର ଧଂଗଡାମାଝୀ ଉଭୟ କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ ।

ପୂର୍ବ ତଟ ରେଳପଥ

ବିଜ୍ଞପ୍ତି ସଂ. eT-North-RGDA-13-2026 ତା.04.11.2026ଭିତ୍ତି

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର KK-II ଲାଇନରେ ଜଗଦଲପୁର, ଖଡ଼ପା ଏବଂ ଆୟାର୍ଗା ସ୍ଟେସନରେ OHE ସହିତ TM ସାଇଡିଙ୍ଗର 750 ପର୍ଯ୍ୟନ୍ତ ସମ୍ପ୍ରସାରଣ ।

ବିଜ୍ଞାପିତ ମୂଲ୍ୟ : ₹ 7,83,19,677.21/-, EMD : ₹ 15,66,400/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 27.11.2026, 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ସେଠାରେ ଦାଖଲକୋଇଯାଇଥିବା ମାଧ୍ୟମରେ ବିନା ଦାବିରେ ଭୁଲେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଜୁଡ଼ିକ ଫାର୍ମ (Firm)ର ସେହେତୁ ହେତୁରେ ଦାଖଲ କରାଯାଇଥାନ୍ତୁ ଏବଂ ଯଥା ସମୟରେ ପ୍ରାପ୍ତ କରାଯାଇଥାନ୍ତୁ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିମର୍ଶ ବିନା ବାତିଲ ଘୋଷିତ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି ହୋଇଥାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଏମ୍ପର ଟେଣ୍ଡର ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃଯାଚିବିକ୍ଷଣ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ଟ୍ରେକ ପ୍ରକାହକ (ଇଞ୍ଜିନିୟରିଂ)/ ରାୟଗଡ଼ା

PR-542/R/26-27

AFFIDAVIT

By virtue of an Affidavit sworn before Court of Magistrate / Notary Public, MURIBAHAL, Dt-05.11.2026. I, AMULYA MAHANANDA, Formerly known as RUSU MAHANANDA, S/o-BHIKARI MAHANANDA, At-Sukunipadar, Po- Barbandh, Ps-Muribahal, Dist- Balangir, Pin-767037, declare that I have changed my name from RUSU MAHANANDA (Old Name) to AMULYA MAHANANDA (New Name). Henceforth, I shall be known as AMULYA MAHANANDA for Aadhar, Ration card and in all documents purposes.

AMULYA MAHANANDA

AFFIDAVIT

By virtue of an affidavit sworn before the Executive Magistrate, Puri, dated 07.11.2026. I, Deepak Das, Aged (33), S/o-Late Lokanath Das, At- Baseli Sahi, Raj Colony, Lokanath road, Ps- Baseli Sahi, Dist- Puri, Pin-752001. declare that I have changed my name from Deepak Bhoi to Deepak Das. Henceforth, I shall be known as Deepak Das for all purposes.

Sd/- Deepak Das

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dtd. 05.11.2026, I **Smruti Srabani Das Kanungo,** D/o. Tapas Kumar Das, resident of Plot No 307, Gadasahi, Nayapalli, PO/PS-Nayapalli, Bhubaneswar, Dist- Khordha, Odisha-751012 declare that my actual name is **Smruti Srabani Das Kanungo** & my mother's name is **Kabita Pattnaik** but educational certificate my name has been wrongly mentioned as **Smruti Sravani Das Kanungo** and also mother's name is **Kabita Das.** Henceforth I shall

ସମୟ

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାଣୀ

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଆଜି, ନଭେମ୍ବର ୮ ତାରିଖରେ, ଶ୍ରୀ ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି। ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି। ଏହି ପର୍ବ ପ୍ରଭୁ ଶ୍ରୀ ରାମ ଏବଂ ଦୀପ ସହ ଜଡ଼ିତ। ଏଥିସହିତ ବର୍ତ୍ତମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିକଟରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହ ପାଳନ କରିଛୁ।

ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି। ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ। ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିଚିତ ଦୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା। ସେ କୌଣସି ପ୍ରକାରର କ୍ଷୋଭ କିମ୍ବା ତିକ୍ତତା ନ ରଖି, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି। ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା। ତାଙ୍କର ବିଜେପି ଅଧ୍ୟକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍‌କୁ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ।

ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି। ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିଚକ୍ଷଣତା। ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା। ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରସ୍ତାବଗୁଡ଼ିକ ଆଜି ମଧ୍ୟ ପଢ଼ିବା ଯୋଗ୍ୟ। ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ଠିକ୍ ଥିଲା।





ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରଚାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା।

ଆଡଭାଣୀ ଜୀ ଅତ୍ୟନ୍ତ ନିଷ୍ଠାର ସହ ପ୍ରତ୍ୟେକ ଦାୟିତ୍ୱ ତୁଲାଇଥିଲେ। ଜଣେ ଆରଏସ୍‌ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ। ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବା ଆରମ୍ଭ କଲେ। ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୀତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ଦୀର୍ଘ ଦଶନ୍ଧି ଧରି ଏକାଠି କାମ କରିବା ଏକ ବିରଳ ଘଟଣା। ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ। ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ।

ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା। ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲର ଅଧ୍ୟକ୍ଷ ହେଲେ। ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ କାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ।

୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ସଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା। ସଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା। ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ।

ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେଅଛି। ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଡଭାଣୀ ଜୀ ଦୁଇଟି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର। ଗୁଜରାଟ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା। ଦେଶ ବିଭାଜନ ପରେ ତାଙ୍କ ପିତା କଚ୍ଛ ଅଞ୍ଚଳରେ ଆସି ରହିଥିଲେ। ଆଡଭାଣୀ ଜୀ ଗୁଜରାଟରୁ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ତେଣୁ, ଏହା ଏକ ପ୍ରକାରର 'ଘରକୁ ଫେରିବା' ଭଳି ଥିଲା। ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା। ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇଥିଲେ। ଗାନ୍ଧୀନଗରର ଜଣେ ଭୋଟର ଭାବରେ, ମୋତେ ମଧ୍ୟ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା। ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ।

'ଜରୁରୀକାଳୀନ ପରିସ୍ଥିତି' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅନୁଭୂତିଗୁଡ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି। ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜେନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି।

ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ୍ୟ ଥିଲେ। ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ। ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା। ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି। ଆତଙ୍କବାଦ ବିରୁଦ୍ଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା। ଫଳରେ ଭାରତକୁ ଏକ କଠୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା। ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା। ଏହା ଭାରତୀୟ ସମାଜର ଗତିପଥକୁ ଉନ୍ନତ କରିଥିଲା। ପରିକଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ। ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା। ଏକ ଯାତ୍ରା ବହୁତ କଷ୍ଟକର ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ କ୍ଲାନ୍ତି ସତ୍ତ୍ୱେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ। ଆଡଭାଣୀ ଜୀ ଏହି ସହନଶୀଳତାକୁ ମୂର୍ତ୍ତିମନ୍ତ କରିଥିଲେ। ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୁଃଖଦାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ୍ୟ ମୋର ମନେ ଅଛି। ତତ୍କାଳୀନ ସମୟରେ ଗୁଜରାଟରେ, ବିଜେପି, ଚିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ରାମ ମନ୍ଦିର ପ୍ରସଙ୍ଗରେ କେବେବି କୌଣସି ପ୍ରକାରର ସାଲିସ୍ କରାଯିବ ନାହିଁ। ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିଶ୍ଚିତ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ। ଆଉ ବର୍ଷ ବର୍ଷ ପରେ, ଭାରତର ଜନସାଧାରଣଙ୍କ ଆଶୀର୍ବାଦରୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସତ୍ୟରେ ପରିଣତ ହେଲା।

ଆଡଭାଣୀ ଜୀଙ୍କ ବ୍ୟକ୍ତିତ୍ୱରେ ଆହୁରି ଅନେକ ଉଲ୍ଲେଖନୀୟ ଦିଗ ରହିଛି। ଉଦାହରଣ ସ୍ୱରୂପ, ତାଙ୍କର ସରଳତା। 'ନବନିର୍ମାଣ ଆନ୍ଦୋଳନ' ପରେ, ଆଡଭାଣୀ ଜୀ ଜୁନାଗଡ଼ ଆସିଥିଲେ ଏବଂ ସେଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ମାସେ ରହିଥିଲେ। ସେଠାରେ ରହି ସେ ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିଥିଲେ। ସେହି ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସାର୍ବଜନୀନ ଜୀବନରେ ନୈତିକତା ଓ ସଚ୍ଚୋଟତା କ'ଣ, ତାହା ସେ ସର୍ବଦା ପ୍ରଦର୍ଶିତ କରିଆସିଛନ୍ତି। **ସେ ଜଣେ ଅତ୍ୟନ୍ତ ପଠନପ୍ରିୟ ବ୍ୟକ୍ତି। ଯେଉଁମାନେ ତାଙ୍କ ସହିତ ସମୟ ବିତାଇଛନ୍ତି, ସେମାନେ ଜାଣନ୍ତି ଯେ ସେ କେତେ ଯତ୍ନର ସହ ଖବରକାଗଜ ପଢ଼ନ୍ତି। ସେ ଚଳଚ୍ଚିତ୍ର ଏବଂ ନାଟକର ବହୁତ ବଡ଼ ପ୍ରଶଂସକ। ସେ ମଧ୍ୟ ଜଣେ ଉତ୍ସାହୀ ଚଳଚ୍ଚିତ୍ର ସମୀକ୍ଷକ। ଇତିହାସ ପ୍ରତି ତାଙ୍କର ଗଭୀର ଦୃଷ୍ଟିକୋଣ ଏବଂ ଏହାକୁ ସଂରକ୍ଷଣ କରିବାର ଆବଶ୍ୟକତା ତାଙ୍କ ପୁସ୍ତକ 'ମାଇ କଣ୍ଟ୍ରି ମାଇ ଲାଇଫ୍'ରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।**

ଆଡଭାଣୀ ଜୀ ସର୍ବଦା ସିନ୍ଧୀ ସଂସ୍କୃତି ସହ ଯୋଡ଼ି ହୋଇ ରହିଛନ୍ତି। ତାଙ୍କର ଆଉ ଗୋଟିଏ ପ୍ରୟାସ ଥିଲା– ଲେହ ନିକଟରେ 'ସିନ୍ଧୁ ଦର୍ଶନ ପୂଜା'କୁ ଲୋକପ୍ରିୟ କରିବା। ମୁଁ ନିଜେ ଆଡଭାଣୀ ଜୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିସ୍ ଜୀଙ୍କ ସହିତ ଏପରି ଏକ ପୂଜାରେ ଯାଇଥିଲି। କମଲା ଆଡଭାଣୀ ଜୀଙ୍କ ଉଲ୍ଲେଖ ବିନା ଆଡଭାଣୀ ଜୀଙ୍କ ଅସାଧାରଣ ଯାତ୍ରା ବିଷୟରେ କୌଣସି ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ। ତାଙ୍କର ସାର୍ବଜନୀନ ଜୀବନରେ ଶ୍ରୀମତୀ ଆଡ଼ଭାଣୀ ସର୍ବଦା ଶକ୍ତି ଓ ସମର୍ଥନର ଏକ ଉତ୍ସ ହୋଇ ରହିଥିଲେ।

କରାଚୀରେ ବଢ଼ିବା ସମୟରେ, ଆଡଭାଣୀ ଜୀ ବୋଧହୁଏ କଳ୍ପନା ମଧ୍ୟ କରିନଥିବେ ଯେ ତାଙ୍କ ଜୀବନ କେଉଁ ମୋଡ଼ ନେବ। କୃତଜ୍ଞତା ସ୍ୱରୂପ, ଭାରତର ଜନସାଧାରଣ ୨୦୨୪ ମସିହାରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରିଛନ୍ତି। ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଥିବା ବେଳେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏବଂ ପୂର୍ବଭଳି ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଚାଲନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି।

ଦୁଇଟି ପତ୍ରିକାର ସମୀକ୍ଷା

ଗୌରବ



ଶ୍ରୀ ସଂକର୍ଷଣ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ଗୌରବ' ପତ୍ରିକାର ଷଷ୍ଠତ୍ରିଂଶ ଦ୍ୱିତୀୟ ସଂଖ୍ୟାଟି ୨୦୨୬ର ପୂଜା ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। ଏହାର ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି ଡା.ନାରାୟଣ ଚନ୍ଦ୍ର ମହାକୁଡ଼, ପ୍ରଫେସର ଅନିରୁଦ୍ଧ ରାଉତ, ଡ .ବିର ଜ। ରାଉତରାୟ ଓ ନିର୍ମଳ ଚନ୍ଦ୍ର ବିଶ୍ୱାଳ । ସମ୍ପାଦନା ମଣ୍ଡଳୀରେ ମଧ୍ୟ ତିନିଜଣ ରହିଛନ୍ତି । ପତ୍ରିକାର ସଂଯୋଜକ ଭାବେ ରହିଛନ୍ତି ଡ. ଅଶୋକ କୁମାର ମହାନ୍ତି ଓ ସୃଜନ ପରାମର୍ଶଦାତା ହେଉଛନ୍ତି ଶୁଭ୍ରାଂଶୁ କୁମାର ଦାଶ । କେନ୍ଦ୍ରାପଡ଼ା ଜିଲ୍ଲାର ଠାକୁର ସାହି (ପୋ: ବାଟିପଡ଼ା)ର ଏକ ଗ୍ରାମାଞ୍ଚଳରୁ ଏହି ଗୁଣାତ୍ମକ ପତ୍ରିକାଟିର ପୂଜାସଂଖ୍ୟା ଦୁର୍ଗାପୂଜା ସମୟରେ ପ୍ରକାଶ ପାଇବା ହେଉଛି ବଡ଼ କଥା । ସଂପାଦକଙ୍କର ଗୋଟିଏ କଥା ଉଲ୍ଲେଖନୀୟ । ତାଙ୍କ ଭାଷାରେ ପୂଜା ପତ୍ରିକାର ବିକ୍ରିକୁ ଦୃଷ୍ଟି ପକାଇଲେ ହୃଦବୋଧ ହୁଏ ଯେ ପାଠକମାନେ ଅଛନ୍ତି । କିନ୍ତୁ ସେମାନଙ୍କୁ ଖୋଜିବାରେ ଆମେ ଅସଫଳ ହେଉଛୁ । ସେ ଯାହା ହେଉ, ଆରମ୍ଭରୁ ସ୍ୱର୍ଗୀୟ କବି ଗୁରୁପ୍ରସାଦ ମହାନ୍ତିଙ୍କ 'ଜଗନ୍ନାଥ ସ୍ୱାମୀ' କବିତା ସମେତ ସ୍ୱର୍ଗୀୟ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କର ଗୋପବନ୍ଧୁଙ୍କ କବିତା ବେଶ୍ ହୃଦୟସ୍ପର୍ଶୀ। କବି ଜଗନ୍ନାଥ ପ୍ରସାଦ ଦାସଙ୍କ ଗଳ୍ପ 'ସ୍ୱାତୀ ଆସିବ' ମଧ୍ୟ ପାଠକଙ୍କୁ ଆକର୍ଷିତ କରିବ, ଯିଏ କି ଆମ ଗହଣରୁ ଗତ ଜୁନ ୩, (୨୦୨୬)ରେ ବିଦାୟ ନେଇଥିଲେ। ଏହାର ପ୍ରବନ୍ଧ ବିଭାଗରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, କୈଳାସ ଚନ୍ଦ୍ର ଟିକାୟତରାୟ, ଅଶୋକ ମହାନ୍ତି, ଡ. ସର୍ବେଶ୍ୱର ସେଣ, ନଟବର ଶତପଥୀ, ଗୌତମ ଜେନା ଓ ଦିଲୀପ ସ୍ୱାଇଁଙ୍କ ଲେଖା ଉଚ୍ଚକୋଟିର ବୋଲି ମନେହୁଏ । ଗଳ୍ପ ବିଭାଗରେ ଅନେକ ଭଲ ଗଳ୍ପ ପ୍ରକାଶ ପାଇଥିଲେ ମଧ୍ୟ ପ୍ରତିଷ୍ଠିତ ଗାଳ୍ପିକମାନଙ୍କର ଲେଖା ପ୍ରାୟ ନାହିଁ। ସେହିପରି କବିତା ବିଭାଗରେ ଫନୀ ମହାନ୍ତି, ଗୁରୁକଲ୍ୟାଣ ମହାପାତ୍ର, ରବି ଶତପଥୀ, ପ୍ରଦୀପ ବିଶ୍ୱାଳ, ଅଂଜୁମାନ ଆରା, ଅନିତ୍ୟ ମହାନ୍ତି ପ୍ରଭୃତି କେତେକ ପ୍ରତିଷ୍ଠିତ କବିଙ୍କ ସମେତ ଅନେକ କବିଙ୍କର କବିତା ପ୍ରକାଶିତ । ଅନୁବାଦ ବିଭାଗରେ ଦୁଇଟି ଭଲ ଗପ ମଧ୍ୟ ପ୍ରକାଶ ପାଇଛି। ପୁସ୍ତକ ସମୀକ୍ଷା ବିଭାଗରେ ଯୁଗେ ଯୁଗେ ଜଗନ୍ନାଥ ବହିର ସମୀକ୍ଷା କରିଛନ୍ତି ଡ. ଚିନ୍ମୟ କୁମାର ବେହେରା । ଏହାର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି।

ଯୁଗଶ୍ରୀ ଯୁଗନାରୀ



ମାସିକ ମହିଳା ପତ୍ରିକାର ମୁଖପତ୍ର 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାଟିର ପୂଜା ବା ଶାରଦୀୟ ବିଶେଷାଙ୍କ ଅକ୍ଟୋବର – ୨୦୨୬ ସଂଖ୍ୟାଟି ଆମର ହସ୍ତଗତ ହୋଇଛି। ଏହାର ସଂପାଦିକା ମମତା ମହାପାତ୍ର । ବିଲେଶ୍ୱର ସୁପରିଚିତ । ସମାଜସେବୀ ଓ ଡାକ୍ତର ରାଧାଦେବୀ ଏବେ ସ୍ୱର୍ଗରେ । ସେ ଏହାର ପ୍ରତିଷ୍ଠାତା । ଏହି ପତ୍ରିକାର ମୁଖ୍ୟ ଆକର୍ଷଣ ହେଉଛି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଉପରେ ସାକ୍ଷାତକାର ସମେତ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ମନୋଜ ଦାସଙ୍କ ପୁରୁଣା ଲେଖା 'ଅନ୍ତରଙ୍ଗ ଭାରତ'ରୁ ଗୋଟିଏ ଅନୁଚ୍ଛେଦ ହେଉଛି 'ନିରୁଦ୍ଦିଷ୍ଟ ମୟୂରଙ୍କ ସନ୍ଧାନରେ' । ଶନ୍ନୋଦେବୀଙ୍କର 'ବେଦ ସନ୍ଦେଶ' ଓ ଏବର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଓ ସୁଲେଖକ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ପ୍ରସ୍ତୁତ ଜୀବନୀ 'ସେବା ଓ ସମର୍ପଣର ପ୍ରତୀକ ପାର୍ବତୀ ଗିରି'। ଏବେ ତାଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ଓଡ଼ିଶାରେ ପାଳନ କରାଯାଉଛି। ତଥା ଶ୍ରୀଅରବିନ୍ଦଙ୍କ ଦ୍ୱାରା ରଚିତ ଇଂରାଜୀ ଭାଷାରେ ଲିଖିତ 'ସାବିତ୍ରୀ ମହାକାବ୍ୟ ଉପରେ ଅର୍ଚ୍ଚନା ନାୟକଙ୍କର ଆଲୋଚନା । ସେହିପରି ପ୍ରବନ୍ଧ ବିଭାଗରେ ସ୍ଥାନିତ ହୋଇଛି ଡକ୍ଟର ତୁଳସୀ ଓଝା, ଡ. ଦମୟନ୍ତୀ ବେଶ୍ରା (ପଦ୍ମଶ୍ରୀ), ଡ. ସୁଷମା ମିଶ୍ର, ଇଂ. ଅମରେନ୍ଦ୍ର କର, ଗିରିଜା ମଂଜରୀ ପାଢ଼ୀ, ବିଜୟ ଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କର ଅନେକ ଭଲ ପବନ୍ଧ।

ଶାନ୍ତନୁ ଆଚାର୍ଯ୍ୟଙ୍କ ସମେତ ବିଭୂତି ପଟ୍ଟନାୟକ, ବନଜ ଦେବୀ, ଅଧ୍ୟାପକ ବିଶ୍ୱରଂଜନ, ତରୁଣକାନ୍ତି ମିଶ୍ର, ଗାୟ

ଭୁଲି...

ଏବଂ ମଧ୍ୟ ଘଉରିଲା, ଥାଖୁ ହୋଇଲା ବଳିକର ବଳିକ । ଜଗତ ଯାଇ ହୋଇଲା ବଳିକର ଏବଂ ଓ ଘଉରି ଜଗତ ଉପରେ ଏବଂ ଜଗତ ଯାଇ ଘଉରି ଜଗତ ଯାଇ ଘଉରି ଜଗତ ଯାଇ ଘଉରି

ছাত্রীদের স্বাস্থ্যের জন্য ব্যবস্থা নিন ও মাসিক ঋতুস্রাব নিয়ে সচেতনতা বাড়ান

বিদ্যালয়ে স্যানিটারি প্যাড ভেন্ডিং মেশিন বসানোর দাবি

জুলতলহ, (বধূ): গ্রাম ও শহরাঞ্চলে (ব্রোঞ্চা) চউচাড় ডগড় ধবে চউচা চাঁচাড়ে চাঁচাড়ে চাঁচাড়ে

ଇସ୍ରାଏଲ ପାଇଁ ନୂଆ ସକାଳ

ଆଜି ପ୍ରଧାନମନ୍ତ୍ରୀ ଭାବେ ଆଇନୋଜେଟଙ୍କ ନାମ ହେବ ଘୋଷଣା

ଜେରୁଜେଲମ୍: ଇସ୍ରାଏଲର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ସେନେଇ ରବିବାର ଘୋଷଣା କରିବେ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ। ସରକାର ଗଠନ ପାଇଁ ୬୧ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଗାଦି ଆଇଜେନକୋଟଙ୍କ ମେଣ୍ଟକୁ ୬ଟି ଦଳର ୬୭ ସାଂସଦ ସମର୍ଥନ କରିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ପାଖରେ ମାତ୍ର ୪୬ ସାଂସଦଙ୍କ ସମର୍ଥନ ଥିବା କୁହାଯାଉଛି। ଏହି କାରଣରୁ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନର ପ୍ରଥମ ସୁଯୋଗ ନଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଇସ୍ରାଏଲରେ ଏପର୍ଯ୍ୟନ୍ତ କୌଣସି ଏକକ ଦଳ ସ୍ପଷ୍ଟ ଅଧିକାଂଶ ହାସଲ କରିପାରିନାହିଁ। ସେଥିପାଇଁ ଏଠାରେ ପ୍ରାୟତଃ ମେଣ୍ଟ ସରକାର



ଗଠିତ ହୋଇଆସୁଛି।ରାଷ୍ଟ୍ରପତି ହର୍ଜୋଗ ଗୁରୁବାର ନୂଆ ସଂସଦକୁ ନିର୍ବାଚିତ ସମସ୍ତ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପ୍ରଥମ ଦୃଷ୍ଟିରେ ସାଂସଦମାନଙ୍କ ମତ ସ୍ପଷ୍ଟ ଲାଗୁଛି, କିନ୍ତୁ ବିଭିନ୍ନ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଅନେକ ପ୍ରସଙ୍ଗରେ ସମ୍ମତି ନାହିଁ। ତାଙ୍କ କହିବା ଅନୁସାରେ, ଦଳଗୁଡ଼ିକ ମଧ୍ୟରେ ପରସ୍ପରକୁ ନେଇ ଅନେକ ଆପତ୍ତି ରହିଛି। ସେଥିପାଇଁ କେବଳ ସାଂସଦଙ୍କ ସିଫାରିଶ ଆଧାରରେ କିଏ ସରକାର ଗଠନ କରିପାରିବେ, ତାହା ନିଶ୍ଚିତ କରିହେବ ନାହିଁ। ରାଷ୍ଟ୍ରପତି କହିଛନ୍ତି ଯେ ସେ କିଛି ଦଳୀୟ ନେତାଙ୍କ ସହ ପୃଥକ ଭାବେ ଆଲୋଚନା କରିବେ, ଯାହାଦ୍ୱାରା ସରକାର ଗଠନର ସମ୍ଭାବନା ଅଧିକ ସ୍ପଷ୍ଟ ହେବ।ଛଅଟି ଦଳ ଆଇଜେନକୋଟଙ୍କ ନାମ ପ୍ରସ୍ତାବ କଲେ, କିନ୍ତୁ ସଙ୍ଗେ ଆସିବାକୁ ରାଜି ନୁହନ୍ତି ଆଇଜେନକୋଟଙ୍କୁ ୬ଟି ଦଳର ୬୭ ସାଂସଦ ସମର୍ଥନ କରିଛନ୍ତି। ଏଥିରେ ୪ଟି ଯିହୁଦୀ ଦଳ ଏବଂ ୨ଟି ଆରବ ଦଳ ରହିଛି। ୪ଟି ଯିହୁଦୀ ଦଳ ପାଖରେ ମୋଟ ୪୮ଟି ଆସନ ରହିଛି, ଯେତେବେଳେ ୨ଟି ଆରବ ଦଳ ପାଖରେ ୧୯ଟି ଆସନ ରହିଛି। ସବୁଠାରୁ ବଡ଼ ସମସ୍ୟା ହେଉଛି, ଏହି ୬ଟି ଦଳ ମଧ୍ୟରୁ ୩ଟି ଯିହୁଦୀ ଦଳ ଆରବ ଦଳଗୁଡ଼ିକ ସହ ମିଶି ସରକାର ଗଠନ କରିବାକୁ ପ୍ରସ୍ତୁତ ନୁହନ୍ତି। ନିର୍ବାଚନ ପୂର୍ବରୁ ଆଇଜେନକୋଟ ମଧ୍ୟ ଆରବ ଦଳଗୁଡ଼ିକୁ ସରକାରରେ ସାମିଲ କରିବେ ନାହିଁ ବୋଲି କହିଥିଲେ।ଅନ୍ୟପଟେ ଆରବ ଦଳଗୁଡ଼ିକ କହିଛନ୍ତି ଯେ ନେତନ୍ୟାହୁଙ୍କୁ କ୍ଷମତାରୁ ଦୂରେଇବା ପାଇଁ ସେମାନେ ଆଇଜେନକୋଟଙ୍କୁ ସମର୍ଥନ କରୁଛନ୍ତି। ଅର୍ଥାତ୍ ରାଷ୍ଟ୍ରପତିଙ୍କ ସମ୍ମୁଖରେ ଆଇଜେନକୋଟଙ୍କ ପକ୍ଷରେ ୬୭ ସାଂସଦଙ୍କ ସିଫାରିଶ ଥିଲେ ମଧ୍ୟ, ଏହି ସଂଖ୍ୟା ନିଜେ ମେଣ୍ଟ ସରକାର ଗଠନର ଗ୍ୟାରେଣ୍ଟି ନୁହେଁ।

ପ୍ରଧାନମନ୍ତ୍ରୀଙ୍କ ଦୀପାବଳିର ଶୁଭେଚ୍ଛା

ଅନ୍ଧାର ଉପରେ ଆଲୋକ, ନିରାଶା ଉପରେ ଆଶାର ଅନନ୍ତ ବିଜୟର ପ୍ରତୀକ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ପର୍ବ ଅନ୍ଧାର ଉପରେ ଆଲୋକ, ମନ୍ଦ ଉପରେ ଭଲ ଓ ନିରାଶା ଉପରେ ଆଶାର ଅନନ୍ତ ବିଜୟର ପ୍ରତୀକ। ସେ ଆଶା ପ୍ରକାଶ କରିଛନ୍ତି ଯେ, ଏହି ପର୍ବ ସମସ୍ତଙ୍କୁ ଦୟା ପ୍ରସାର କରିବା, ସକାରାତ୍ମକ ଚିନ୍ତାଧାରା ଗ୍ରହଣ କରିବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ଦେବ। ଭିଡିଓ ସେୟାର କରି ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, ଦେଶର ଯବାନଙ୍କ ସହିତ ଏଥର ଦୀପାବଳି ପାଳନ କରିବି। ଭାରତ ସରକାରଙ୍କ 'ଜନ ସମ୍ପର୍କ ପୋର୍ଟାଲ୍'ରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦୀପାବଳି ଭାରତର ସମୃଦ୍ଧ ପରମ୍ପରାରେ ଗର୍ବ କରିବା ଓ ପାରସ୍ପରିକ ସଂହତିର ବନ୍ଧନକୁ ସୁଦୃଢ଼ କରିବାର ଏକ ଅବସର। ଦୀପାବଳି ପ୍ରତ୍ୟେକ ଘରକୁ ସୁଖ, ସଭାବ ଓ ସମୃଦ୍ଧିରେ ଆଲୋକିତ କରୁ। ଏହି ପର୍ବ ଆମକୁ ଦୟା ପ୍ରସାର କରିବା, ସକାରାତ୍ମକ ଚିନ୍ତାଧାରା ଗ୍ରହଣ କରିବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ କରିବାକୁ ପ୍ରେରଣା ଦେଉ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ସମୃଦ୍ଧ ଓ ବିକଶିତ ଭାରତ ନିର୍ମାଣ କରିବା ପାଇଁ ନୂତନ ଶକ୍ତି ଓ ଦୃଢ଼ ସଂକଳ୍ପ ସହିତ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ। ପୁଲିସ ତଥ୍ୟ ଅନୁଯାୟୀ ଅଭିଯୁକ୍ତ ମୋହନ ଶର୍ମା ଧନଖଡ଼ଙ୍କ ଉପରକୁ ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ୧୫ ରାଉଣ୍ଡ ଗୁଳି ଚଳାଇଥିଲା, ସେଥିରୁ ୯ଟି ଗୁଳି ଧନଖଡ଼ଙ୍କ ଶରୀରରେ ବାଜିଥିଲା, ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପୁଅ ସୌର ଧନଖଡ଼ଙ୍କ ଅଭିଯୋଗକ୍ରମେ ଶନିବାର



ସୁରଜକୁଣ୍ଡ ପୁଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩ (୧) ଓ ଅସ୍ତ୍ରଶସ୍ତ୍ର ଆଇନ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି। ଘଟଣା ପରଠାରୁ ଅଭିଯୁକ୍ତ ଫେରାର୍ ରହିଛି। ପୁଲିସ କହିଛି ଯେ, ଗୋଟିଏ ଚାରି ମହଲା କୋଠାରେ ରହୁଥିବା ଦୁଇଟି ପରିବାର ମଧ୍ୟରେ ପାର୍କିଂ ସ୍ଥାନ ଓ ପାର୍କିଂ ଅଞ୍ଚଳରେ କୁକୁର ମଳତ୍ୟାଗ କରିବାକୁ ନେଇ କିଛି ଦିନ ଧରି ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତିରେ ଧନଖଡ଼ ଓ ଶର୍ମାଙ୍କ ମଧ୍ୟରେ ଗାଡ଼ି ପାର୍କିଂକୁ ନେଇ ପୁଣି ଥରେ ଯୁକ୍ତିତର୍କ ହୋଇଥିଲା, ଏହାପରେ ଶର୍ମା ତାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଧନଖଡ଼ଙ୍କୁ ଗୁଳି କରିଥିଲେ। ଗୁଳିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ପୁଲିସ ଦଳ, ଅପରାଧ ଶାଖା ଓ ଫୋରେନସିକ୍ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତକାରୀମାନେ ଘଟଣାସ୍ଥଳରୁ ଅନେକ ଖାଲି କାର୍ଟ୍ରିଜ୍ ଜବତ କରିଛନ୍ତି। ଧନଖଡ଼ଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଦଶାହା ଖାନ ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅନେକ ଟିମ୍ ଗଠନ କରିଛି।

ବିଗ୍ ବି ଅସୁସ୍ଥ

ମୁମ୍ବାଇ: ବର୍ଷିଆନ ଅଭିନେତା ବିଗ୍ ବି ଅମିତାଭ ବଚ୍ଚନ ହଠାତ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ହାଲୁକା ଜ୍ୱର କିମ୍ବା ଫ୍ଲୁ ହୋଇଥିବା ସନ୍ଦେହ କରାଯାଇଛି । ସ୍ୱାସ୍ଥ୍ୟ ଭଲ ନଥିବାରୁ କେବିସି ଟିମ୍ ତାଙ୍କୁ କିଛି ଦିନ ବିଶ୍ରାମ ନେବାକୁ କହିଥିଲା । ତେବେ ଚିନ୍ତାର କୌଣସି ବଡ଼ କାରଣ ନଥିବା ଏବଂ ବର୍ତ୍ତମାନ ବିଗ୍ ବିଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ସୂତ୍ର ପକ୍ଷରୁ କୁହାଯାଇଛି । ଅମିତାଭ ବଚ୍ଚନ ପ୍ରାୟ ଦୁଇ ସପ୍ତାହ ପୂର୍ବେ କେବିସିର ଏକ ବିଶେଷ ଏପିସୋଡ୍ ଶୁଟ୍ କରିଥିଲେ।

୩୦ ଲକ୍ଷ ଦୀପରେ ଝଲସିଲା ଅଯୋଧ୍ୟା



ଅଯୋଧ୍ୟା: ଲକ୍ଷ ଲକ୍ଷ ଦୀପର ଆଲୋକରେ ଝଲସି ଉଠିଛି ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା। ଭକ୍ତି, ଆଧ୍ୟାତ୍ମିକତା ଓ ଆଧୁନିକ ଆଲୋକସଜ୍ଜାର ଅପୂର୍ବ ସମନ୍ୱୟରେ ଆୟୋଜିତ ହୋଇଛି ଦଶମ ଭବ୍ୟ ଦୀପୋତ୍ସବ। ସରଯୂ ନଦୀକୂଳର 'ରାମ କା ପୈଡ଼ି'ରେ ୩୦ ଲକ୍ଷ ଦୀପ ପ୍ରଜ୍ୱଳନର ଆୟୋଜନ ସହ ଲେଜର୍ ସୋ ଏବଂ ଡିଜିଟାଲ୍ ଆଲୋକସଜ୍ଜା ଉତ୍ସବର ଆକର୍ଷଣ ବଢ଼ାଇଛି। ଏହି ଭବ୍ୟ ଆୟୋଜନରେ ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ ଅତିଥି ସାମିଲ ହୋଇଛନ୍ତି। ଦୀପୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ରାମକଥା ପାର୍କରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତିନି ଦେବଦେବୀଙ୍କୁ ମାଲ୍ୟାର୍ପଣ କରିଥିବା ବେଳେ ଉପରାଷ୍ଟ୍ରପତି ତିଳକ ଲଗାଇଥିଲେ। ଏହି ସମୟରେ ହେଲିକପ୍ଟରରୁ ପୁଷ୍ପବୃଷ୍ଟି କରାଯାଇଥିଲା। ଏହାପରେ ପ୍ରଭୁ ରାମ, ମାତା ସୀତା ଓ ଲକ୍ଷ୍ମଣ ରଥାରୁଢ଼ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଉଭୟ ଉପମୁଖ୍ୟମନ୍ତ୍ରୀ ରଥକୁ ଟାଣିଥିଲେ। ଏହି ଦୃଶ୍ୟ ଦୀପୋତ୍ସବର ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱକୁ ଆହୁରି ବଢ଼ାଇଥିଲା। ସରଯୂ ନଦୀକୂଳର ରାମ କା ପୈଡ଼ିରେ ୩୦ ଲକ୍ଷ ଦୀପ ପ୍ରଜ୍ୱଳନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଦୀପର ଆଲୋକରେ ନଦୀକୂଳର ପରିବେଶ ଆଧ୍ୟାତ୍ମିକ ମାହୋଲରେ ଭରିଉଠିଛି। ଏଥିସହ ଲେଜର୍ ସୋ ମାଧ୍ୟମରେ ରାମଙ୍କ ପୈଡ଼ିକୁ ଆଲୋକିତ କରାଯାଇଛି। ଚଳିତ ଥର ଦୀପୋତ୍ସବରେ ପାରମ୍ପରିକ ଦୀପ ସହ ଆଧୁନିକ ଡିଜିଟାଲ୍ ପ୍ରଯୁକ୍ତିର ମଧ୍ୟ ବ୍ୟବହାର କରାଯାଇଛି। ଧର୍ମପଥରେ ୫୦ଟି ଡିଜିଟାଲ୍ ସ୍ତମ୍ଭ ସ୍ଥାପନ କରାଯାଇଛି। ପ୍ରତ୍ୟେକ ସ୍ତମ୍ଭର ଉଚ୍ଚତା ୧୨ ଫୁଟ୍। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ପ୍ରବେଶପଥ ନିକଟରେ ଏହି ସ୍ତମ୍ଭଗୁଡ଼ିକ ରାମାୟଣର ବିଭିନ୍ନ ପ୍ରସଙ୍ଗ ଓ ଦୃଶ୍ୟକୁ ଡିଜିଟାଲ୍ ଆଲୋକ ମାଧ୍ୟମରେ ପ୍ରଦର୍ଶନ କରୁଛି।

ଗାଲଭାନାଇଜିଂ ଶିଳ୍ପ ପାଇ ଦୁଇ ନୂଆ ଆଲୟ ଉନ୍ମୋଚିତ

ନୂଆଦିଲ୍ଲୀ: ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍ ପକ୍ଷରୁ ଗାଲ୍ଭାନାଇଜିଂ ଶିଳ୍ପ ପାଇଁ 'ବେଦ୍ଏଜେଡ୍' ଓ 'ବେଦ୍ଆୟୁଷ୍ମ' ନାମକ ଦୁଇଟି ନୂତନ ପିଢ଼ିର ଜିଙ୍କ୍ ମିଶ୍ରଧାତୁ ଉନ୍ମୋଚନ କରାଯାଇଛି। ଏହି ଆଲୟଗୁଡ଼ିକ ଷ୍ଟିଲ୍ କୋଟିଂ ଗୁଣବତ୍ତା, ସ୍ଥାୟିତ୍ୱ ଓ ଉତ୍ପାଦନ ଦକ୍ଷତା ବୃଦ୍ଧି ସହ କ୍ଷୟରୁ ଦୀର୍ଘସ୍ଥାୟୀ ସୁରକ୍ଷା ପ୍ରଦାନ କରିବ। ଉପକୂଳବର୍ତ୍ତୀ ଓ ଅଧିକ ଆର୍ଦ୍ରତାପୂର୍ଣ୍ଣ ଅଞ୍ଚଳ ପାଇଁ ଏହା ବିଶେଷ ଉପଯୋଗୀ ହେବ। 'ବେଦ୍ଏଜେଡ୍' ଜିଙ୍କ୍-ଆଲୁମିନିୟମ ଏବଂ 'ବେଦ୍ଆୟୁଷ୍ମ' ଜିଙ୍କ୍-ଆଲୁମିନିୟମ-ମ୍ୟାଗ୍ନେସିୟମ ଆଧାରିତ ମିଶ୍ରଧାତୁ। କମ୍ପାନୀର ରାଜସ୍ଥାନସ୍ଥିତ ରାଜପୁରା ଡାରିବା କାରଖାନାରେ ବାର୍ଷିକ ୩୦ ହଜାର ଟନ୍ ଜିଙ୍କ୍ ଆଲୟ ଉତ୍ପାଦନ କ୍ଷମତା ରହିଛି। ଏହି ନୂତନ ଉତ୍ପାଦ ମାଧ୍ୟମରେ ଭାରତର ଭିତ୍ତିଭୂମି, ଅଟୋମୋଟିଭ୍ ଓ ଉତ୍ପାଦନ ଶିଳ୍ପର ବିକାଶକୁ ସହଯୋଗ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ବିଜେପିକୁ ଟାର୍ଗେଟ କଲେ ସୋନିଆ

ନୂଆଦିଲ୍ଲୀ: ବିଜେପି ସରକାର ଅଧୀନରେ ଗତ ୧୨ ବର୍ଷ ମଧ୍ୟରେ ଦେଶ, ଗଣତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ବ୍ୟାପକ କ୍ଷତି ହୋଇଛି ବୋଲି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି । 'ଦ ହିନ୍ଦୁ' ଖବରକାଗଜକୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଗତ କିଛି ମାସ ମଧ୍ୟରେ ଅନେକ ନିର୍ବାଚନ ଚୋରି ହୋଇଥିବା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି ଏବଂ ଜନସାଧାରଣ ଏବେ ଏହାକୁ ନେଇ ସଚେତନ ହେବା ସହ ବିବ୍ରତ ଅଛନ୍ତି । କଂଗ୍ରେସ ଦଳ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ତତ୍ତ୍ୱାବଧାନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ହୋଇଥିବା ଅସଙ୍ଗତି ଓ 'ଭୋଟ ଚୋରି' ବିରୋଧରେ ପ୍ରତିବାଦର



ନେତୃତ୍ୱ ନେଉଛି । ସୋନିଆ ଦାବି କରିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରଠାରୁ ବିରୋଧୀ ଦଳଗୁଡ଼ିକୁ ସମାନ ସୁଯୋଗ ମିଳୁନାହିଁ, କାରଣ ନିର୍ବାଚନ କମିସନଙ୍କ ସମେତ ସମସ୍ତ ସାମ୍ବିଧାନିକ ସଂସ୍ଥା, ମୁଖ୍ୟ ଗଣମାଧ୍ୟମ ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ସହ ସେମାନେ ପ୍ରଚୁର ଅର୍ଥବଳ ଏବଂ ଧର୍ମର ଅପବ୍ୟବହାର କରୁଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ କଡ଼ା ଆପତ୍ତି ପ୍ରକାଶ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୨ ବର୍ଷ ମଧ୍ୟରେ ଗଣତନ୍ତ୍ରକୁ ଅଧିକ ସମୃଦ୍ଧ ଓ ଶକ୍ତିଶାଳୀ କରିଛନ୍ତି ଏବଂ ସମଗ୍ର ବିଶ୍ୱ ଆଗରେ ପ୍ରମାଣିତ କରିଛନ୍ତି ଯେ ଭାରତ ହେଉଛି 'ଗଣତନ୍ତ୍ରର ଜନନୀ' ।

ଭାରତ ଉପରେ ୭୬୩.୫ ବିଲିଅନ ଡଲାର ବାହ୍ୟ ଋଣ

ନୂଆଦିଲ୍ଲୀ: ଭାରତର ବାହ୍ୟନ ବୋଝ ବଢ଼ି ଚାଲିଛି।୨୦୨୫ ମସିହାରେ ଭାରତର ମୋଟ ବାହ୍ୟ ଋଣ ରାଶି ୭୬୩.୫୧୬ ବିଲିଅନ ଡଲାରରେ ପହଞ୍ଚିଛି। ୨୦୧୫ ମସିହାରେ ଉକ୍ତ ଋଣ ପରିମାଣ ୪୭୮.୯୦୭ ବିଲିଅନ ଡଲାରରେ ଥିଲା। ଗତ ୧୦ ବର୍ଷ ଅର୍ଥାତ୍ ୨୦୧୫ରୁ ୨୦୨୫ ମଧ୍ୟରେ ଭାରତର ବିଦେଶୀ ଋଣ ପରିମାଣ ପାଖାପାଖି ୧.୫୯ ଗୁଣ ବଢ଼ିଛି। ବିଶ୍ୱବ୍ୟାଙ୍କର ଅନ୍ତର୍ଜାତୀୟ ଋଣ ରିପୋର୍ଟ ୨୦୨୬ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୨୪ ତୁଳନାରେ ୨୦୨୫ରେ ଭାରତର ବାହ୍ୟ ଋଣ ପରିମାଣ ପ୍ରାୟ ୬.୪ ପ୍ରତିଶତ ବୃଦ୍ଧି ଘଟିଛି। ଭାରତର ମୋଟ ବାହ୍ୟ ଋଣ ବୋଝ ମଧ୍ୟରୁ ସରକାରଙ୍କ ଋଣ ରାଶି ୨୭୫.୫୬୦ ବିଲିଅନ ଡଲାରରେ ରହିଛି। ସରକାରଙ୍କ ଗ୍ୟାରେଣ୍ଟି ନଥିବା ଘରୋଇ ଋଣ ପରିମାଣ ୩୩୭.୧୮୪ ବିଲିଅନ ଡଲାର ଥିବାବେଳେ ସ୍ୱଳ୍ପମିଆଦୀ ଋଣ ପରିମାଣ ୧୫୦.୬୭୨ ବିଲିଅନ ଡଲାରରେ ରହିଛି ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି। ସରକାରଙ୍କ ଦ୍ୱାରା କିମ୍ବା ସରକାରୀ ଗ୍ୟାରେଣ୍ଟିରେ ଆସିଥିବା ମୋଟ ୨୭୫.୫୬୦ ବିଲିଅନ ଡଲାର ବାହ୍ୟ ଋଣ ମଧ୍ୟରୁ ବହୁପାକ୍ଷିକ ସଂସ୍ଥାରୁ ୯୭.୭୩୨



ବିଲିଅନ ଡଲାର, ଦ୍ୱିପାକ୍ଷିକ ସଂସ୍ଥାରୁ ୩୯.୧୨୬ ବିଲିଅନ ଡଲାର ଏବଂ ଘରୋଇ ସଂସ୍ଥାଗୁଡ଼ିକରୁ ୧୩୮.୭୦୨ ବିଲିଅନ ଡଲାର ଋଣ ଭାରତ କରିଛି। ଏଥିସହିତ ବହୁପାକ୍ଷିକ ସଂସ୍ଥାଗୁଡ଼ିକ ମଧ୍ୟରେ ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ରୁ ଭାରତ ଆଣିଛି ସର୍ବାଧିକ ୨୫.୭୬୭ ବିଲିଅନ ଡଲାର ଏବଂ ବିଶ୍ୱବ୍ୟାଙ୍କ-ଆଇବିଆର୍ଡିରୁ ଆଣିଛି ୨୩.୨୧୫ ବିଲିଅନ ଡଲାର। ଏହାବ୍ୟତୀତ ଅନ୍ୟାନ୍ୟ ବହୁପାକ୍ଷିକ ସଂସ୍ଥାଗୁଡ଼ିକରୁ ଆଣିଛି ୪୮.୮୫୦ ବିଲିଅନ ଡଲାର ଋଣ। ୩୯.୧୨୬ ବିଲିଅନ ଡଲାରର ଦ୍ୱିପାକ୍ଷିକ ଋଣ ମଧ୍ୟରୁ ଭାରତ ଜାପାନରୁ ସର୍ବାଧିକ ୨୭.୪୪୫ ବିଲିଅନ ଡଲାର ଋଣ ଆଣିଛି। ଏହାବ୍ୟତୀତ ରୁଷ୍ଟ୍ର ୫.୫୬୫ ବିଲିଅନ ଡଲାର ଏବଂ ଅନ୍ୟାନ୍ୟ ଦ୍ୱିପାକ୍ଷିକ ସଂସ୍ଥାରୁ ୬.୧୧୫ ବିଲିଅନ ଡଲାର ଋଣ ଆଣିଥିବା ରିପୋର୍ଟରେ ଦର୍ଶାଯାଇଛି। ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଭାରତର ବାହ୍ୟ ଋଣ ଓ ରପ୍ତାନି ଅନୁପାତ ୮୩ ପ୍ରତିଶତରେ ଥିବାବେଳେ ବାହ୍ୟଋଣ ଓ ମୋଟ ଜାତୀୟ ଆୟ ଅନୁପାତ ୨୦ ପ୍ରତିଶତ, ଋଣ ସୁଧ ଓ ରପ୍ତାନି ଅନୁପାତ ୧୦ ପ୍ରତିଶତ ଏବଂ ଋଣ ସୁଧ ଓ ମୋଟ ଜାତୀୟ ଆୟ ଅନୁପାତ ୨ ପ୍ରତିଶତରେ ରହିଛି।

ଆମେରିକାରେ ତେଲେଙ୍ଗାନାର ମେଧାବୀ ଛାତ୍ରୀ ନିଖୋଜ

ହାଇଦ୍ରାବାଦ/ବୋଷ୍ଟନ୍:ଆମେରିକାର ବୋଷ୍ଟନ୍ ସହରରୁ ଜଣେ ୨୩ ବର୍ଷୀୟା ଭାରତୀୟ ଛାତ୍ରୀ ନିଖୋଜ ହୋଇଯିବା ଘଟଣା ସାମ୍ନାକୁ ଆସିଛି। ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲା କାନାଗାଲ୍ ମଣ୍ଡଳ ଅନ୍ତର୍ଗତ ଶଙ୍କୁଲ୍ଲାପୁର ଗ୍ରାମର ଶ୍ରୀଜା ରେଡ୍ଡୀ ନାମକ ଏହି ଛାତ୍ରୀଜଣକ ନଭେମ୍ବର ୨ ତାରିଖ ରାତିରୁ ସନ୍ଦିଗ୍ଧ ଭାବେ ନିଖୋଜ ଥିବା ବେଳେ, ତାଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଛି। ଏହି ଘଟଣା ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଶ୍ରୀଜା ଉଚ୍ଚଶିକ୍ଷା ପାଇଁ ଦେଢ଼ ବର୍ଷ ପୂର୍ବେ ଆମେରିକା ଯାଇଥିଲେ ଏବଂ ପାଠପଢ଼ା ସହ ସେଠାରେ ଏକ ପାର୍ଟ-ଟାଇମ୍ ଚାକିରି ମଧ୍ୟ କରୁଥିଲେ। ବୋଷ୍ଟନ୍ ପୁଲିସ ବିଭାଗ ଅନୁଯାୟୀ, ନଭେମ୍ବର ୨ ତାରିଖ ରାତି ପ୍ରାୟ ୯:୪୫ ସମୟରେ ଶ୍ରୀଜା ଡୋରଚେଷ୍ଟରସ୍ଥିତ ଏଡିସନ୍ ଗ୍ରୀନ୍ ଅଞ୍ଚଳରେ ଥିବା ନିଜ ବାସଭବନରୁ ସନ୍ଧ୍ୟାକାଳୀନ ଭ୍ରମଣ ପାଇଁ ବାହାରିଥିଲେ। ମାତ୍ର ତା'ପରଠାରୁ ତାଙ୍କର କୌଣସି ପତ୍ତା ମିଳିନାହିଁ। ନଭେମ୍ବର ୩ ତାରିଖରେ ଶ୍ରୀଜାଙ୍କ ସାଙ୍ଗମାନେ ବୋଷ୍ଟନ୍ ପୁଲିସରେ ଏ ନେଇ ଏତଲା ଦେବା



ସହ ନାଲଗୋଣ୍ଡାରେ ରହୁଥିବା ତାଙ୍କ ବାପା କୋୟା ୟାଦାଗ

ନ୍ୟୁଜିଲାଣ୍ଡକୁ ପୁଣି ହରାଇଲା ଭାରତ



ୱେଲିଂଟନ୍,୭।୧୧(ଏଜେନ୍ସି): ଭାରତୀୟ କ୍ରିକେଟ୍ ଟିମ୍ ନିଜର ପ୍ରଶଂସକମାନଙ୍କୁ ଦୀପାବଳି ଭେଟି ଦେଇଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୱେଲିଂଟନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ ହୋଇଛି। ଛୋଟ ଲକ୍ଷ୍ୟକୁ ଭାରତ ସହଜରେ ବିଜୟ ହାସଲ କରିଛି। ବର୍ଷା ବାଧିତ ମ୍ୟାଚରେ ଡିଏଲ୍ଏସ୍ ନିୟମ ଅନୁଯାୟୀ ଫଳାଫଳ ଘୋଷଣା କରାଯାଇଛି। ଭାରତ ଏହି ମୁକାବିଲାକୁ ୪ ରନର ଜିତିଛି। ଏଥି ସହିତ ଶୃଙ୍ଖଳାର ୨-୦ରେ ଅଗ୍ରଣୀ ହାସଲ କରିଛି। ୧୩୫ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ୨୬ ଓଭରରେ ୭ଟି ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ବର୍ଷା ଆରମ୍ଭ ହୋଇଯାଇଥିଲା, ଯେଉଁଥି ପାଇଁ ମ୍ୟାଚକୁ ପୁଣି ସ୍ଥଗିତ କରାଯାଇଥିଲା। ଭାରତକୁ ବିଜୟ ପାଇଁ ୧୫ ଓଭରରେ ୨୨ ରନ୍ ଦରକାର ଥିଲା। ତେବେ ଡିଏଲ୍ଏସ୍ ନିୟମ ଅନୁଯାୟୀ ଭାରତକୁ ବିଜୟ ଠାରୁ ୪ ରନ୍ ଆଗୁଆ ଥିଲା। ଭାରତ ପାଇଁ ରୋହିତ ଶର୍ମା ୨୩ ରନ୍ଏ ଶ୍ରେୟସ ଆୟର ୩୦ ରନ୍, କେଏଲ୍ ରାହୁଲ ୨୬ ରନ୍, ନମନ ଧୀର ୧୨ ରନ୍ କରିଥିଲେ।

ଏହି ମ୍ୟାଚର ନ୍ୟୁଜିଲାଣ୍ଡର ବ୍ୟାଟିଂରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେରିଲ ମିଚେଲ ଏବଂ ମିଚେଲ ସାଣ୍ଟନରଙ୍କ ବ୍ୟତୀତ ଘରୋଇ ଦଳର ଅନ୍ୟ ଖେଳାଳିମାନେ ଭଲ ବ୍ୟାଟିଂ କରିପାରି ନାହାନ୍ତି। କ୍ୱିୱି ଦଳ ୪୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା। ଫଳରେ ଭାରତକୁ ଏହି ମୁକାବିଲା ଜିତିବା ପାଇଁ ୧୩୫ ରନ୍ ଦରକାର ଥିଲା। ଭାରତ ପାଇଁ ଗୁରନୁର ବ୍ରାର ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଆକିବ ନବି, ଅଂଶୁଲ କମ୍ବୋଜ ଏବଂ ଅକ୍ଷର ପଟେଲଙ୍କୁ ୨-୨ ୱିକେଟ୍ ମିଳିଥିଲା।

ଡେରିଲ ମିଚେଲ ୫୫ ରନ୍ ସଂଗ୍ରହ କରିଥିଲେ। ସେ ୧୦୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ମିଚେଲ ସାଣ୍ଟନରଙ୍କ ବ୍ୟାଟରୁ ୩୧ ରନ୍ ଆସିଥିଲେ। ସେ ୩୮ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ଷଷ୍ଠ ୱିକେଟରେ ୫୯ ରନ୍ର ଭାଗିଦାରୀ କରିଥିଲା। ସ୍କୋର ୧୧୨ ରନ୍ରେ ଡେରିଲ ମିଚେଲ ଆଉଟ ହେଲା ପରେ ଦଳର ବିପର୍ଯ୍ୟୟ ଖୁବ ଶୀଘ୍ର ହୋଇଥିଲା। କିୱି ଦଳର ୧୨୯ ରନ୍ରେ ମିଚେଲ ସାଣ୍ଟନର, ୧୨୭ରେ କାଏଲ ଜେମିସନ ଏବଂ ୧୩୨ ରନ୍ରେ ନାଥାନ ସ୍ମିତ ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ ୫୩ ରନ ଦୁଇ ଜଣ ବିସ୍ଫୋରକ ବ୍ୟାଟର (ଟମ ଲଥାମ ଏବଂ ଗ୍ଲେନ ଫିଲିପ୍ସ)ଙ୍କୁ ହରାଇଥିଲା। ଲଥାମ ମାତ୍ର ୭ ରନ୍ ସଂଗ୍ରହ କରି ପାଭିଲିଅନକୁ ଫେରିଥିଲେ। ସେହିପରି ଫିଲିପ୍ସ ଖାତା ଖୋଲିପାରି ନଥିଲେ। ଏହା ପୂର୍ବରୁ ଦଳ ସ୍କୋର ୨୩ ରନରେ ଘରୋଇ ଦଳ ଆଗଧାଡ଼ିର ୩ ଜଣ ଖେଳାଳିଙ୍କୁ ହରାଇଥିଲା। ପ୍ରାରମ୍ଭିକ ବ୍ୟାଟର ୱିଲ ୟଙ୍ଗ ୬ ରନ୍, ଟିମ୍ ସେଫର୍ଟ ଶୂନ୍ୟ ରନ୍ ଏବଂ ହେନରୀ ନିକୋଲ୍ସ ୧୧ ରନରେ ଆଉଟ୍ ହୋଇଛନ୍ତି। ଦଳ ୧ ରନରେ ପ୍ରଥମ, ୧୧ ରନରେ ଦ୍ୱିତୀୟ ଏବଂ ୨୩ ରନରେ ତୃତୀୟ ୱିକେଟ୍ ହରାଇଥିଲା। ଷଷ୍ଠ ଓଭରର ଚତୁର୍ଥ ବଲରେ ଆକିବ୍ ନବି ୱିଲ୍ ୟଙ୍ଗଙ୍କୁ ଆଉଟ୍ କରିଛନ୍ତି। ନବି ମଧ୍ୟ ପ୍ରଥମ ୱିକେଟ୍ ନେଇଥିଲେ। ନବମ ଓଭରର ଚତୁର୍ଥ ବଲରେ ଅଂଶୁଲ୍ କମ୍ବୋଜ୍ ନ୍ୟୁଜିଲାଣ୍ଡର ତୃତୀୟ ୱିକେଟ୍ ନେଇ ଦିନର ତାଙ୍କର ପ୍ରଥମ ୱିକେଟ୍ ନେଇଛନ୍ତି। ବର୍ଷା ବାଧିତ ଏହି ମ୍ୟାଚ୍ ଉଭୟ ପକ୍ଷରୁ ୪୭-୪୭ ଓଭର କରିଦିଆଯାଇଛି। ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ସକାଳ ୭:୩୦ରେ ଆରମ୍ଭ ହେବାର ଥିଲା।ଟସ୍ ସକାଳ ୭ ଟା ରେ ହେବାକୁ ଥିଲା, କିନ୍ତୁ ବର୍ଷା ଯୋଗୁଁ ମ୍ୟାଚ୍ ପ୍ରାୟ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ଶୁଭମନ ଗିଲ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ହର୍ଷିତ ସାହୁଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୭।୧୧(ସବ୍ୟୁ): ଗତ ଦୁଇମାସ ହଙ୍ଗେରୀର ବୁଦାପେଷ୍ଟ ଠାରେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ରେ ଭାଗ ନେଇ ଓଡ଼ିଶାର ୮ମ ଆନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବାକୁ ଯାଉଥିବା ହର୍ଷିତ ରଞ୍ଜନ ସାହୁଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘର ସଭାପତି ତଥା ଯୁବ କ୍ରୀଡା ସଂଗଠକ କିଶୋର କୁମାର ପଣ୍ଡା ରାଜ୍ୟ ଚେସ ସଂଘ୍ ସଭାପତି ସତ୍ୟ ଚଂଜନ ପଟ୍ଟନାୟକ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି , ହର୍ଷିତଙ୍କ ପିତା ଡଃ ଅମରେଶ ସାହୁ, ଶ୍ରୀୟାଂଶ ଓ ପ୍ରୀୟାଂଶ ପିତା ମୃତ୍ୟୁଞ୍ଜୟ ଦାଶ୍ ଉପସ୍ଥିତ ରହିଥିଲେ। ମନ୍ତ୍ରୀ ହର୍ଷିତଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଭବିଷ୍ୟତରେ ଗ୍ରାଣ୍ଡମାଷ୍ଟର ହେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସଭାପତି ସତ୍ୟ ଚଂଜନ ପଟ୍ଟନାୟକ ରାଜ୍ୟସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସି.ଏମ୍ ଟ୍ରଫି ରେ ଚେସ ଖେଳ କୁ ଅନ୍ତର୍ଭୁକ୍ତ କରିବା ପାଇଁ ମାନ୍ୟବର ମନ୍ତ୍ରୀଙ୍କୁ ବିନମ୍ର ନିବେଦନ କରିବା ସହ ପ୍ରସ୍ତାବ ଦେଇଥିଲେ।











୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଜ୍ୟୋତି ଗ୍ରୁପକୁ ହରାଇ ସୋଆ ବିଜୟୀ

ଭୁବନେଶ୍ୱର,୭।୧୧(ସବ୍ୟୁ): ଓଡ଼ିଶା ସଚିବାଳୟ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆଜି ୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୬ର ଶୁଭାରମ୍ଭ ହୋଇଯାଇଛି । ହାଇ-ଟେକ୍ କ୍ରିକେଟ୍ ଷ୍ଟାଡିୟମ୍ରେ ଅନୁଷ୍ଠିତ ପ୍ରଥମ ପ୍ରତିଯୋଗିତାରେ ସୋଆ ବିଶ୍ୱବିଦ୍ୟାଳୟ ଦଳ ୨୫ ରନରେ ଜ୍ୟୋତି ଗ୍ରୁପ୍କୁ ହରାଇଛି । ଜ୍ୟୋତି ଗ୍ରୁପ୍ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସୋଆ ବିଶ୍ୱବିଦ୍ୟାଳୟ ପ୍ରଥମ ବ୍ୟାଟିଂ କରି ୭ ୱିକେଟ୍ରେ ୧୪୫ ରନ୍ ସଂଗ୍ରହ କରିଥିବାବେଳେ ଦେବୀ ପ୍ରସାଦ ସାହୁ ୪୯ ରନ୍ ଏବଂ ଆଶୁତୋଷ ବେହେରା ୪୭ ରନ୍ କରିଥିଲେ । ଜ୍ୟୋତି ଗ୍ରୁପ୍ ପକ୍ଷରୁ ରାଜେଶ ମହାନ୍ତି ୯ ରନ୍ ଦେଇ ଦୁଇଟି ୱିକେଟ୍ ପାଇଥିବାବେଳେ ନିଲୁ ପ୍ରଧାନ ୧୭ ରନ୍ ଦେଇ ଦୁଇଟି ୱିକେଟ୍ ଅକ୍ତିୟାର୍ କରିଥିଲେ । ପରେ ୧୪୮ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଜ୍ୟୋତି ଗ୍ରୁପ୍ ୧୭ ଓଭର୍ରେ ୧୨୦ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ । ଜ୍ୟୋତି ଗ୍ରୁପ୍ ପକ୍ଷରୁ ଜି. ସାମନ୍ତସିଂହାର ୩୩ ରନ୍ କରିଥିବାବେଳେ ଦିବ୍ୟ ପଣ୍ଡା ୨୫ ରନ୍ କରିଥିଲେ । ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାସ୍ୱତ ମହାନ୍ତି ୧୧ ରନ୍ ଦେଇ ୩ଟି ୱିକେଟ୍ ହାସଲ କରିଥିବାବେଳେ ସମ୍ବିତ୍ ଦୁଇ ୱିକେଟ୍ ବିନିମୟରେ ୧୫ ରନ୍ ଦେଇଥିଲେ । ଦେବୀ ପ୍ରସାଦ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ଓଏଏସ୍ଏମ୍ଇ ଦ୍ୱିତୀୟ ମ୍ୟାଚ୍ରେ କୋଟାକ୍ ମହିନ୍ଦ୍ରାକୁ ହରାଇ ବିଜୟୀ ହୋଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇଥିବା ଓଏଏସ୍ଏମ୍ଇ ୧୬ ଓଭରରେ ୧୫୧ ରନ୍ କରିଥିଲା । ଦଳ ପକ୍ଷରୁ ଭକ୍ତି ସାମଲ ୭୩ ରନ୍, ସୁବାସ ସିଂହ ୪୩ ରନ୍ ଏବଂ ମନିଷ ୧୯ ରନ୍ ସଂଗ୍ରହ କରିଥିଲେ । କୋଟାକ୍ ମହିନ୍ଦ୍ରାର ସୌମ୍ୟ ରଞ୍ଜନ ବିଶ୍ୱାଳ ୨୫ ରନ୍ ଦେଇ ଦୁଇଟି ୱିକେଟ୍ ପାଇଥିଲେ । ବିଜୟ ପାଇଁ ୧୫୨ ରନ୍ ଆବଶ୍ୟକ ଥିବାବେଳେ କୋଟାକ୍ ମହିନ୍ଦ୍ରା ୧୩ ଓଭରରେ ୮୪ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ ।



ସିଏସ୍ ୭ ଟେନିସ୍ ସୂୟାଶଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୭।୧୧(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସଠାରେ ଖୋର୍ଦ୍ଧା ସଂଘ (କେଡିଟିଏ) ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ କମ୍ ବାଳକ ଆଇଟା-ଓଟିଏ ଚାମ୍ପିଅନ୍ସିପ୍ ସିରିଜ୍ (ସିଏସ୍୭) ଟେନିସ୍ ପ୍ରତିଯୋଗିତାରେ ଓଡ଼ିଶାର ସୂୟାଶ ପଟ୍ଟନାୟକ ଦ୍ୱିମୁକୁଟ ହାସଲ କରିଛନ୍ତି। ଏହି ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଉଭୟ ଏକକ ଓ ଯୁଗଳରେ ବିଜେତା ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏକକ ଫାଇନାଲ୍ରେ ସେ ସିଧାସଳଖ ୬-୦, ୬-୦ ସେଟ୍ରେ ପଶ୍ଚିମବଙ୍ଗର ସାଇରାହଶ ଝାଙ୍କୁ ପରାସ୍ତ କରିଥିଲେ। ଯୁଗଳ ଫାଇନାଲ୍ରେ ସୂୟାଶ ଓ ତାଙ୍କ ଝାଡ଼ଖଣ୍ଡ ସାଥୀ ସଫଳ ଆଗମନ ୬-୩, ୫-୭, ୧୦-୮ରେ ପଶ୍ଚିମବଙ୍ଗ ଯୋଡ଼ି ରିୟାନ ଚାଟାର୍ଜୀ ଓ ବିଶାଳ ହଲଦାରଙ୍କୁ ହରାଇଥିଲେ। ଉଦ୍ଯାପନୀ ଉତ୍ସବରେ ଅତିଥି ଭାବେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ, କେଡିଟିଏ ସମ୍ପାଦକ ଅସିତ ପ୍ରଧାନ, ପ୍ରତିଯୋଗିତା ନିର୍ଦ୍ଦେଶକ ରାଜେଶ କାନୁନାଗୋ, ରେଫରୀ ଯତୀନ ବସ୍ୟ ଓ ପ୍ରବନ୍ଧକ ପ୍ରକାଶ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସହ ପଶ୍ଚିମବଙ୍ଗ, ଆସାମ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ ପାଦକ: ପପୁ ମହାନ୍ତି